## ସଂକ୍ଷେପରେ

### ୪ ଜଣଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚର ସାଇବର ଟିମ୍

**ଧର୍ମଶାଳା,୨୦।୧(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ଥାନା ତରଞ୍ଜିଆ ପଞ୍ଚାୟତ ପୋବଳ ଗାଁରେ କଟକ କ୍ରାଇମବ୍ରାଞ୍ଚର ସାଇବର ଟିମ ଓ ଧର୍ମଶାଳା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଅର୍ଥ ଠକେଇ ମାମଲାରେ ପୋବଳ ଗାଁର ସରୋଜ ଜେନାଙ୍କ ଘରେ ସୋମବାର ରାତି ଅଧିଆ ଏହି ଚଢ଼ାଉ କରାଯାଇ ପାଖାପାଖି ୨୦ ଲକ୍ଷ ଟଙ୍କା, ୧୦୦ଗ୍ରାମରୁ ଅଧିକ ସୁନା ଅଳଙ୍କାର, ଏକ ବୁଲେଟ ଜବତ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ସରୋଜ ଫେରାର ଥିବାବେଳେ ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୪ଜଣଙ୍କୁ ସାଇବର ଟିମ୍ ଉଠେଇ ନେଇଛି। ସେମାନେ ହେଲେ ସରୋଜଙ୍କ ଭାଇ ଚନ୍ଦନ ଜେନା, ପ୍ରଫୁଲ୍ଲ ବିଶ୍ୱାଳ, ଧଡ଼ିଆ ଜେନା ଓ ବଡ଼ଚଣା ଥାନା ଅଞ୍ଚଳର ଜଣ ବ୍ୟକ୍ତି। ରାତି୧୧ଟାରୁ ୩ଟା ପର୍ଯ୍ୟନ୍ତ ଏହି ଚଢ଼ାଉ କରାଯାଇଥିଲା। କିଛି ଦିନ ହେବ ସରୋଜ ଲୋକଙ୍କୁ ବ୍ଲାକ ମେଲ କରି ବିପୁଳ ଟଙ୍କା ଲୁଟ୍ କରିଥିଲେ। ଏନେଇ ସାଇବର ଥାନାରେ ଅଭିଯୋଗ ହେବାପରେ ଏଭଳି ଚଢ଼ାଉ କରାଯାଇଥିବା କୁହାଯାଉଛି।

### ୨ ଛଣ ଗଦା ଜାଳିଦେଲେ

ସିଂହପୁର,୨୦।୧ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର ଗ୍ରାମର ଘନଶ୍ୟାମ ବେହେରାଙ୍କ ଘର ସମ୍ମୁଖରେ ଥିବା ତାଙ୍କର ଦୁଇ ଛଣ ଗଦାକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ଜାଳି ଦେଇଛନ୍ତି। ଛଣଗଦା ଜଳୁଥିବା ଘନଶ୍ୟାମ ଦେଖି ସ୍ଥାନୀୟ ଲୋକଙ୍କୁ ଡାକ ପାକାଇଥିଲେ। ସେମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳି ଯାଇଥିଲା। ଏନେଇ ଘନଶ୍ୟାମ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଏହାର ତଦନ୍ତ କରିଛି।

# ମଣ୍ଡି ସମସ୍ୟା ନେଇ ଜିଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଯାଜପୁର ବ୍ଲକ ଖଇରାବାଦ କୃଷି ସେବା ସମବାୟ ସମିତିର ଚାଷୀମାନେ।

**ଯାଜପୁରଟାଉନ,୨୦।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଧାନ ମଣ୍ଡିରେ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ଯାଜପୁର ବ୍ଲକ ଖଇରାବାଦ କୃଷି ସେବା ସମବାୟ ସମିତି ଚାଷୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖଇରାବାଦ କୃଷି ସେବା ସମବାୟ ସମିତିକୁ ଯେଉଁ ମିଲର ଟ୍ୟାଗ ହୋଇଛନ୍ତି ସେମାନେ ଧାନ କୁଇଣ୍ଟାଲ ପ୍ରତି ୭% କଟନୀ ଛଟନୀ କରିବାକୁ ବାଧ କରୁଛନ୍ତି। ସମସ୍ତ ଧାନ ଝୋଟ ଅଖାରେ ନେବା ପାଇଁ କହୁଛନ୍ତି। କେତେଜଣ ଚାଷୀ ଝୋଟ ଅଖା ଓ ଜରି ଅଖାରେ ଧାନ ଭର୍ତ୍ତି କରି ଦେବାବେଳେ ମିଲର ଅଖା ଫେରସ୍ତ କରୁନାହାନ୍ତି କି ଅଖାର ଦାମ ଦେଉନାହାନ୍ତି। ଚଳିତ ଥର ଧାନର ମାନ ଠିକ୍ ଥିବାରୁ ୭% କଟନୀ ଛଟନୀକୁ ଚାଷୀ ଗ୍ରହଣ କରିପାରୁନାହାନ୍ତି। ଗତ ବର୍ଷ ଚାଷୀଙ୍କ ଯେତିକି ଜମି ଦିଆଯାଇଥିଲା ସେହି ଅନୁସାରେ ଧାନ ପରିମାଣ ଠିକ୍ ଥିଲା। କିନ୍ତୁ ଚଳିତ ବର୍ଷ ଜମି ପରିମାଣ ଠିକ୍ ଅଛି କିନ୍ତୁ ଧାନ ପରିମାଣ କମିଯାଇଛି। ମଣ୍ଡିରେ ଝୋଟ ଅଖାରେ ଧାନ ଦେବା, ବିଭିନ୍ନ ମଣ୍ଡିରେ ଏ ଯାଏ ଧାନ ନ ଉଠିବା, ଟୋକନ ପରିମାଣ କମ କରିବା, କଟନୀ ଛଟନୀକୁ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମିଲର ମନମୁଖୀ କାମ କରୁଥିବାରୁ ଚାଷୀ ଏହାକୁ ଦୃଢ଼ ବିରୋଧ କରିବା ସହିତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦିଗମ୍ବର କର, ଗୋକୁଳାନନ୍ଦ ରାଉତ, ରାଜକିଶୋର ସ୍ୱାଇଁ, ପଙ୍କଜ ଧଳ, ମାୟାଧର ସାହୁ, ସ୍ନେହାଶିଷ ବସୁ, ପ୍ରଦୀପ ମିଶ୍ର, ଜନାର୍ଦ୍ଦନ ଅଧିକାରୀ, ଶ୍ରୀଧର ପାଢ଼ୀ, ଅକ୍ଷୟ କୁମାର ଦାସ, ରମାକାନ୍ତ ମିଶ୍ର, ଅଜୟ କୁମାର ରାଉତ, ଅଜିତ କୁମାର ନାୟକ ଓ ଅଜୟ ବାରିକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଅଙ୍ଗାଲୋ ନାଏବ ସରପଞ୍ଚ ହେଲେ ଜୟନ୍ତ ସାମଲ

**ବରୀ,୨୦।୧(ମହେନ୍ଦ୍ର ସ୍ୱାଇଁ):**

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ବରୀ ବ୍ଲକ ଅଧୀନ ଅଙ୍ଗାଲୋ ପଞ୍ଚାୟତର ନାଏବ ସରପଞ୍ଚ ପଦବୀ ପାଇଁ ମଙ୍ଗଳବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟନ୍ତ ସାମଲ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ପଞ୍ଚାୟତର ୬ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୫ଜଣ ଭାଗ ନେଇଥିଲେ। ୬ନଂ ୱାର୍ଡ ସଭ୍ୟ ରଶ୍ମିତା ମଲ୍ଲିକ ଅନୁପସ୍ଥିତ ଥିଲେ। ଏଠାରେ ଲଗାତାର ୩ଥର ପଞ୍ଚାୟତ ବୈଠକରେ ଅନୁପସ୍ଥିତ ରହିବାରୁ ସରପଞ୍ଚଙ୍କ ଅଭିଯୋଗକ୍ରମେ ପଞ୍ଚାୟତର ୧୪ ୱାର୍ଡସଭ୍ୟଙ୍କ ମଧ୍ୟରୁ ୮ ଜଣଙ୍କ ସଭ୍ୟ ପଦ ରଦ୍ଦ କରାଯାଇଥିଲା। ସେମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ମଧ୍ୟ ରହିଥିଲେ। ଏହାପରେ ସରପଞ୍ଚ ଶକୁନ୍ତଳା ମଲ୍ଲିକ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ସରପଞ୍ଚ ଓ ନାଏବ ସରପଞ୍ଚ ପଦବୀ ଖାଲି ପଡ଼ିଥିଲା। ନିବାଚନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବ୍ଲକ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନବନିର୍ବାଚିତ ନାଏବ ସରପଞ୍ଚ ବର୍ତ୍ତମାନଠାରୁ ଆଗାମୀ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସରପଞ୍ଚ ଦାୟିତ୍ୱରେ ରହିବେ। ଏ ବିଷୟରେ ନବନିର୍ବାଚିତ ନାଏବ ସରପଞ୍ଚ କହିଛନ୍ତି, ସେ ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ ସୁନନ୍ଦା ଦାସଙ୍କ ଜଣେ ଦୃଢ଼ ସମର୍ଥକ। ଆଗାମୀ ଦିନରେ ଅଙ୍ଗାଲୋ ପଞ୍ଚାୟତର ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସମସ୍ତଙ୍କ ସହଯୋଗରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କରିବା କ୍ଷେତ୍ରରେ ପଦକ୍ଷେପ ନେବେ।

### ଅରଙ୍ଗାବାଦ ନାଏବ ସରପଞ୍ଚ ଉପନିର୍ବାଚନ ସ୍ଥଗିତ



ସେହିପରି ଲଗାତାର ଭାବେ ୩ ଥର ପଞ୍ଚାୟତ ସମିତି ବୈଠକରେ ଅନୁପସ୍ଥିତ ରହିବା ଯୋଗୁ ଅରଙ୍ଗାବାଦ ପଞ୍ଚାୟତ ନାଏବ ସରପଞ୍ଚ ଶ୍ରୀକାନ୍ତ ଜେନା ଓ ୮ ୱାର୍ଡ ସଭ୍ୟଙ୍କ ପଦ ରଦ୍ଦ କରାଯାଇଛି। ୩ଜଣ ଏବେ ସଭ୍ୟ ରହିଛନ୍ତି। ସେଠାରେ ମଧ୍ୟ ଉପନିର୍ବାଚନ ହେବାରଥିଲା। ମାତ୍ର ପଦ୍ଦ ରଦ୍ଦ ହୋଇଥିବା ନାଏବ ସରପଞ୍ଚ ଓ ଅନ୍ୟ ୮ଜଣ ୱାର୍ଡ ସଭ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ଏହି ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି।

# ଓଳାଶୁଣୀରେ ମହିଳାଙ୍କ ସୁନାଚେନ ଲୁଟ, ଯୁବକ ଗିରଫ

**ଚଣ୍ଡିଖୋଲ,୨୦।୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଳାଶୁଣୀ ଗୁମ୍ଫାମେଳା ପଡ଼ିଆରେ ସୋମବାର ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ସୁନା ଚେନ୍ ଜବତ କରିଛି। ଗିରଫ ଯୁବକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁମୁ ଗ୍ରାମର ବବୁଲ ଦାସ (୨୬)। ପୋଲିସ ସୂଚନା, ଅନୁଯାୟୀ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଧୀରେନ ମଲ୍ଲିକ ସପତ୍ନୀକ ସୋମବାର ସନ୍ଧ୍ୟାରେ ଓଳାଶୁଣୀ ଗୁମ୍ଫା ମେଳା ବୁଲିବାକୁ ଆସିଥିଲେ। ସେମାନେ ମେଳା ପଡ଼ିଆ ଭିତରକୁ ଯାଉଥିବା ସମୟରେ ବବୁଲ ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଜନଗହଳି ଭିତରକୁ ଚାଲିଯାଇଥିଲେ। ଧୀରେନ ଚିତ୍କାର କରିବାରୁ କେତେଜଣ ଯାତ୍ରୀ ବବୁଲଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଖବର ପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଓ ପୋଲିସ ଇନିସ୍ପେକ୍ଟର ହେମଲତା ଦାସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ମେଳା ପଡ଼ିଆର ଅସ୍ଥାୟୀ ପୋଲିସ ଶିବିରକୁ ଆଣିଥିଲେ। ତାଙ୍କୁ ସର୍ଚ୍ଚ କରିବା ସମୟରେ ଚେନ ମିଳି ନ ଥିଲା। ଅଧିକ ତଦନ୍ତ ସମୟରେ ସେ ଜିଭ ତଳେ ଚେନ ଥିବା ପୋଲିସ ଦେଖି ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ ନଂ.୧୬/୨୬ରେ ମାମଲା ରୁଜୁ ହୋଇଛି। ବବୁଲଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ଥିବା ଜଣାପଡ଼ିଛି।

# କରଦା ହରିହାଟ ମେଳା, ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କରଦା ହରିହାଟ ମେଳା କମିଟିର ସଦସ୍ୟମାନେ।

**ପାଣିକୋଇଲି, ୨୦।୧ (ବିକାଶ ଚନ୍ଦ୍ର ମଲ୍ଲିକ)**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ପୁରାତନ ଓ ପ୍ରସିଦ୍ଧ କରଦା ହରିହାଟ ମେଳା ଓ ମହୋତ୍ସବ ଆସନ୍ତା ମାଘ ସପ୍ତମୀ (ଜାନୁଆରୀ ୨୫)ଠାରୁ ଆରମ୍ଭ ହେବ। ଏଥିପାଇଁ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ମହୋତ୍ସବରେ ବିଭିନ୍ନ ରାଜ୍ୟସ୍ତରୀୟ କଳା ସଂସ୍କୃତି ପରିଷଦକୁ ସ୍ଥାନ ଦେବା ସହ ସ୍ଥାନୀୟ ଯୁବ ପ୍ରତିଭା ମାନଙ୍କୁ ସୁଯୋଗ ମିଳିବ ବୋଲି ବୈଠକରେ ସ୍ଥିର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଓଡ଼ିଶୀ, ଏକକ ନୃତ୍ୟ ଶିଳ୍ପୀ, ଗ୍ରୁପ ଡ୍ୟାନ୍ସ, ଆଙ୍କରିଂ, କମେଡି ଆଦିରେ ପାରଦର୍ଶିତା ଲାଭ କରିଥିବା ନୂତନ କଳାକାରମାନଙ୍କୁ ସାମିଲ କରାଯିବ। ଅଭିଜ୍ଞ ବିଚାରପତିମାନଙ୍କ ଦ୍ୱାରା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବିଭିନ୍ନ ବ୍ୟବସାୟୀଙ୍କ ଷ୍ଟଲ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବଛାବଛା ରାଜ୍ୟସ୍ତରୀୟ କଳାକାରମାନଙ୍କୁ ନେଇ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିବାକୁ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବ। ୨୫ ତାରିଖ ପ୍ରତ୍ୟୁଷର କଳସ ଯାତ୍ରା, ନାମ ଯଜ୍ଞ, ଯଜ୍ଞ ଆଦି କରାଯିବ। ଶତାଧିକ ଷ୍ଟଲ ଲାଗୁଥିବାରୁ ବିଦ୍ୟୁତ୍ ବିଭାଗ, ପୋଲିସ ପ୍ରଶାସନର ସହଯୋଗ ନିଆଯିବାକୁ ସ୍ଥିର ହୋଇଥିଲା। ମେଳା କମିଟିର ସଭାପତି ଚିନ୍ତାମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ଚନ୍ଦ୍ର ସାହୁ, ଗୋବିନ୍ଦ ସାହୁ, ପ୍ରମୋଦ କୁମାର ମହାପାତ୍ର, ଅଭୟ କୁମାର ବେହେରା, ମାୟାଧର ଜେନା, ବିଶ୍ୱନାଥ ପଣ୍ଡା, ନବଘନ ପଣ୍ଡା, ଫକିର ବାରିକ, ଗଣେଶ୍ୱର ଦାଶ, ସୁବାସ ସ୍ୱାଇଁ, ସଚିଦାନନ୍ଦ ସାହୁ, ଚିନ୍ତାମଣି ସାହୁ, ସଞ୍ଜୟ କୁମାର ନାୟକ, ପ୍ରସନ୍ନ ବେହେରା, ରାଜକିଶୋର ଦାସ, ନବଘନ ପଣ୍ଡା, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୫ ତାରିଖରୁ ମେଳା ଆରମ୍ଭ ହେବାକୁ ଥିବା ବେଳେ ୨୭ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ଫେବୃଆରୀ ୨ରେ ମହୋତ୍ସବ ଓ ୪ ତାରିଖରେ ମେଳା ଉଦ୍ଯାପିତ ହେବବୋଲି ଜଣାପଡ଼ିଛି।

# ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ଦଶରଥପୁର,୨୦।୧ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଚିଦାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ସହପରିଚାଳକ ନିରଞ୍ଜନ ନାୟକ, ଦଶରଥପୁର ବ୍ଲକ ସହକାରୀ ଶିଳ୍ପ ଅଧିକାରୀ ସଞ୍ଜୟ କୁମାର ନାୟକ, ବିଡିଓ ଆକାଶ ପଟ୍ଟନାୟକ, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଦାସ, ରାଧାନାଥ ନାୟକ, ବିଜୟ କୁମାର ବେହେରା, ରମଣ ଚରଣ ରାଉତ, ଅକ୍ରୁର ଚରଣ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦ୍ୟୋକ୍ତାଙ୍କୁ ସେମାନଙ୍କର ବ୍ୟବସାୟ ବୃଦ୍ଧି ନିମନ୍ତେ କିଭଳିଭାବେ ସରକାରୀ ସହାୟତା ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ହସ୍ତତନ୍ତ ତାଲିମ ଶିବିର ଉଦ୍‌ଯାପିତ

**ରସୁଲପୁର,୨୦।୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ହିଙ୍ଗୁଳା ତନ୍ତୁବାୟ ସହଯୋଗ ସମିତି ପକ୍ଷରୁ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହିକ୍ରମରେ ସମିତି ପକ୍ଷରୁ ହସ୍ତତନ୍ତ କାର୍ଯ୍ୟରେ ନିୟୋଜିତ କାରିଗରଙ୍କ ଦକ୍ଷତା ବୃଦ୍ଧି ସକାଶେ ଏକ ୬ମାସିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋରେଇ ବ୍ଲକ ଅଧୀନ ଗଜେନ୍ଦ୍ରପୁର ଅଞ୍ଚଳର ୨୦ ମହିଳା କାରିଗରଙ୍କୁ ସାମିଲ କରାଯାଇ ସେମାନଙ୍କ ଦକ୍ଷତା ବିକାଶ କରାଯାଇଛି। କାରିଗରଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର, ଯୁଗଉପଯୋଗୀ ବସ୍ତ୍ର ଉତ୍ପାଦନ, ଚାହିଦାମୁତାବକ ଡିଜାଇନ, ଲୁଗାକୁ ରଙ୍ଗ କରିବା ଆଦି କ୍ଷେତ୍ରରେ ତାଲିମ ଶିବିର ସହାୟକ ହୋଇପାରିବ ବୋଲି ହିଙ୍ଗୁଳା ତନ୍ତୁବାୟ ସହଯୋଗ ସମିତିର ସମ୍ପାଦକ ବିଶ୍ୱନାଥ ଦାସ ସୂଚନା ଦେଇଛନ୍ତି। ରାଜ୍ୟ ହସ୍ତତନ୍ତ ବୟନଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ବୁଣାକାର ନେତା ଶ୍ରୀଧର ବେହେରା ଅଧ୍ୟକ୍ଷତା କରିଥିଲେ। କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଗୋଲାପୀ ଗୋପାରାଣୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, ମହିଳାଙ୍କ ଦକ୍ଷତା ବୃଦ୍ଧି ସହ ହସ୍ତତନ୍ତର ସମ୍ପୂର୍ଣ୍ଣ ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହିଭଳି ଭାବରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ, ସେମାନଙ୍କ ଆୟରେ ବୃଦ୍ଧି ଘଟିପାରିବ, କୌଳିକ ବୃତ୍ତିକୁ ଯୁଗଉପଯୋଗୀ ପରିଚୟ ମିଳିପାରିବ। ସମ୍ମାନିତ ଅତିଥି ଭାବେ ଉପସହକାରୀ ନିବନ୍ଧକ ବିଜୟ ନାୟକ, ବୟନ ତତ୍ତ୍ୱାବଧାରକ ସୁନିଲ ଲାଲା ମଣ୍ଡଳ, ବୟନ ନିରୀକ୍ଷକ ସତ୍ୟଜିତ୍ ନାୟକ, ବୈଷୟିକ ସହାୟକ ପ୍ରିୟବ୍ରତ ସାହୁ ଓ ମନୋରମା ମଲିକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ସେମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ। ସମିତିର କାର୍ଯ୍ୟକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବୁଣାକାର ନେତା ଅଶୋକ ଦାସ ଧନ୍ୟବାଦ ଦେଇଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ଅତିଥି ଓ ବୁଣାକାରମାନେ।

# ୨୧ ଅଭିଯୋଗ ପଞ୍ଜୀକୃତ, ୧୦ ତତ୍କାଳ ଫଇସଲା

### ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

**ରସୁଲପୁର,୨୦।୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବିଡିଓ ସତ୍ୟାନନ୍ଦ ଦାଶ ଯୋଗଦେଇ ପଞ୍ଚାତୟତର ଭୋଟକା, ବିଲିପଡ଼ା, ଇଚ୍ଛାପୁର, ଅରଡ଼ା, ସେରପୁର, ସାନରମ୍ପେଇ, ବଡ଼ରମ୍ପେଇ ଆଦି ୭ ରାଜସ୍ୱ ଗ୍ରାମର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଶିବିରରେ ଯୋଗାଣ ବିଭାଗକୁ ୬, ଭତ୍ତା ପାଇଁ ୨, ପ୍ରଧାନମନ୍ତ୍ରୀ ଆବାସ ପାଇଁ ୧୦, କୃଷି ସମ୍ପର୍କିତ ୨ ଓ ସ୍ୱାସ୍ଥ୍ୟ ବିଭାଗକୁ ୧ ଅଭିଯୋଗକୁ ମିଶାଇ ମୋଟ ୨୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ୧୦ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅଧିକାଂଶ ଅଭିଯୋଗକାରୀଙ୍କ ଅଭିଯୋଗକୁ ବ୍ଲକ ପ୍ରଶାସନ ପକ୍ଷରୁ ଆସିଥିବା ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା ସମାଧାନ କରାଯାଇଥିଲା। କେତେଜଣ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ପାଇଁ ସରପଞ୍ଚ ଦାୟିତ୍ୱ ନେଇଥିଲେ। ଶିବିରରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ବସନ୍ତ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହୃଷୀକେଶ ସାହୁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ମାନସୀ ରାଉତ, ବିପିଏମ ସୁପ୍ରଭା ଜେନା, ମିଶନଶକ୍ତି ବିଭାଗ ପକ୍ଷରୁ ସରିତା ନାୟକ, ଯୋଗାଣ ସହାୟକ ଶ୍ରୀକାନ୍ତ ନାୟକ, ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ପ୍ରୋଗ୍ରାମର ହରିଶ୍ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ, ଏଡିଇଓ ଚିନ୍ମୟ ସାହୁ, ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟା ରଞ୍ଜିତା ମଲିକ, ଝିଲି ରାଏ, ସୁକାନ୍ତ ସାହୁ, ନୃସିଂହ ମଲିକ ଓ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଶିବିରରେ ବିଡିଓ, ସରପଞ୍ଚ ଓ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

# ସଦର ଥାନା ସମ୍ମୁଖରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଧାରଣା



ଧାରଣାରେ ବସିଥିବା ବଜରଙ୍ଗ ଦଳର ସଦସ୍ୟମାନେ।

**ଯାଜପୁର ସଦର,୨୦।୧ (ସମର ବିଜୟ ଶରଣ):**

ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଯାଜପୁର ଜିଲା ଶାଖା ତରଫରୁ ମଙ୍ଗଳବାର ଯାଜପୁର ସଦର ଥାନା ଆଗରେ ଧାରଣା ଦିଆଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଗୋରକ୍ଷକ ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଗୌତମ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଛି। ଖବର ପାଇ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ୩ ଦଫା ଦାବିପତ୍ର ଗ୍ରହଣ କରିଛନ୍ତି। ଜିଲାରେ ଥିବା ଗୋଚାଲାଣକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି।

ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ପରେ ଗତ ଶନିବାର ୧୮ ତାରିଖରେ କେନ୍ଦୁଝର ପୋଲିସ ଗୋଚାଲାଣ ଅଭିଯୋଗରେ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତ ପାଣ୍ଡିଆ ଗୋପୀନାଥପୁର ଗ୍ରାମର ଶେଖ ସରିଫଙ୍କ ଘରେ ଚଢ଼ାଉ କରିଥିଲା। ସଦର ଥାନାଠାରୁ ମାତ୍ର ଏକ କିଲୋମିଟର ଦୂରରେ ଗୋଚାଲାଣ ହେଉଛି। କେନ୍ଦୁଝର ପୋଲିସ ଆସି ଏଠାରେ ଚଢ଼ାଉ କରୁଛି। ମାତ୍ର ସଦର ପୋଲିସ ସବୁ ଜାଣି ଅଜଣା ରହୁଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସେହିପରି ବେଆଇନ ଗୋ ଓ ମାଂସ ଚାଲାଣ ରୋକିବାରେ ସଦର ପୋଲିସ ଏକ ପ୍ରକାର ବିଫଳ ବୋଲି ଅଭିଯୋଗକାରୀ କହିଛନ୍ତି। ଅନ୍ୟପକ୍ଷରେ ସଂଗଠନ ତରଫରୁ ବାରମ୍ବାର ଜିଲା ପ୍ରଶାସନକୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଆନ୍ଦୋଳନକାରୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଉଚ୍ଛେଦ ସ୍ଥାନରେ ବ୍ୟବସାୟ କରୁଛନ୍ତି ଫେରି ବେପାର

**ପଟ୍ଟାମୁଣ୍ଡାଇ, ୨୦।୧( କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ରାସ୍ତାର ଉଭୟପାର୍ଶ୍ୱରେ ଉଠାଦୋକାନୀ ଓ ଜବରଦଖଲକାରୀଙ୍କୁ ପୌର ପ୍ରଶାସନ ପକ୍ଷରୁ ୨୦୨୫ ଦୁର୍ଗାପୂଜା ପୂର୍ବରୁ ଉଚ୍ଛେଦ କରାଯାଇଥିଲା, ଯାହାକୁ ନେଇ ଉଠାଦୋକାନୀମାନେ ତୀବ୍ର ବିରୋଧ କରିଥିଲେ। ମାତ୍ର ସେହି ସମୟରେ ପୌର କର୍ତ୍ତୃପକ୍ଷ ଓ ଉଠାଦୋକାନୀ ସଂଘ ମଧ୍ୟରେ ଏକ ବୈଠକ ଆହୁତ ହୋଇଥିଲା। ଉଚ୍ଛେଦ ଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ପ୍ରଦାନ କରାଯିବ ବୋଲି ପୌର ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। ପରେ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ମାତ୍ର ୫ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏଯାବତ୍ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ହୋଇପାରିନାହିଁ। ମାତ୍ର ଯେଉଁସ୍ଥାନରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା ସେଠାରେ ବାହାର ଫେରିବାଲା ବିଭିନ୍ନ ସରଞ୍ଜାମ ପକାଇ ବ୍ୟବସାୟ କରୁଛନ୍ତି, ଯାହାକୁ ନେଇ ଉଠାଦୋକାନୀ ଏବଂ ସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହ ସ୍ଥାନୀୟ ପ୍ରଶାସନର ମାରଣନୀତିକୁ ବିରୋଧ କରିଛନ୍ତି।



ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ସ୍ଥାନରେ ଫେରି ବ୍ୟବସାୟୀ ବସି ବେପାର କରୁଛନ୍ତି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ**
- ଉଚ୍ଛେଦକୁ ୫ ମାସ ପୂରିଲାଣି
- କାର୍ଯ୍ୟକ୍ଷମ ହେଉନି ଭେଣ୍ଡିଂ ଜୋନ୍
- ଅନିଶ୍ଚିତତା ମଧ୍ୟରେ ଉଠାଦୋକାନୀ

ସାମାଜିକ କର୍ମୀ ରମେଶ ଦାସ କହିଛନ୍ତି, ଛୋଟ ଛୋଟ ଉଠାଦୋକାନୀମାନଙ୍କୁ ଥଇଥାନ ଏବଂ ସହରାଞ୍ଚଳରେ ଶ୍ରମିକମାନଙ୍କୁ କାମ ଧନ୍ଦା ଯୋଗାଇଦେବାକୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା) ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ସହରର ରାସ୍ତାକଡ଼ରେ ବସି ବିକ୍ରି କରୁଥିବା ଉଠାଦୋକାନୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ୍ କରାଯାଇଛି। ସ୍ୱଳ୍ପମୂଲ୍ୟରେ ଦୋକାନ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଦୀର୍ଘଦିନ ହେଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଉଠାଦୋକାନୀ ଉଚ୍ଛେଦ ହୋଇଥିଲେ ମଧ୍ୟ ଭେଣ୍ଡିଂ ଜୋନ୍ ଦୋକାନ ଘରଗୁଡ଼ିକ ବଣ୍ଟନ କରାଯାଉ ନ ଥିବାରୁ ଉଠାଦୋକାନୀମାନଙ୍କ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଛି। ସ୍ଥାନୀୟ ବାସିନ୍ଦା ଦିଲୀପ ପାତ୍ର, ପ୍ରଦୀପ ବେହେରା କହିଛନ୍ତି, ବଜାର ଆଖପାଖ ଗ୍ରାମର କେତେଜଣ ଗରିବ ଲୋକ ପଟ୍ଟାମୁଣ୍ଡାଇ ବଜାରରେ ଉଠା ପରିବା ଦୋକାନ ସହ ପାନ, ଚାହା, ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ପୌର ପ୍ରଶାସନ ସେସବୁ ଭାଙ୍ଗିଦେଇଥିଲେ। ଯେଉଁ ଭେଣ୍ଡିଂ ଜୋନ୍ ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ତାହା ଅଦ୍ୟାବଧି କର୍ଯ୍ୟକ୍ଷମ ହେଉନାହିଁ। ହେଲେ ଉକ୍ତ ଉଚ୍ଛେଦ ସ୍ଥାନରେ ବାହାର ରାଜ୍ୟ ଫେରିବାଲାଙ୍କୁ ସ୍ଥାନ ଦିଆଯାଇଛି। ସେଠାରେ ସେମାନେ ବ୍ୟବସାୟ କରୁଛନ୍ତି। ପୌର ପ୍ରଶାସନର ଏଭଳି ନୀତିକୁ ସେ ନିନ୍ଦା କରିଛନ୍ତି। କେବେ ସ୍ଥାନୀୟ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ମିଳିବ ତାହା ଅନିଶ୍ଚିତତା ମଧ୍ୟରେ ଥିବା ସେମାନେ ଅଭିଯୋଗ କରିଛନ୍ତି। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ଦୀର୍ଘଦିନ ହେବ ଉଠାଦୋକାନ ଉଚ୍ଛେଦ କରାଯାଇଛି। ହେଲେ କୌଣସି କାରଣରୁ ସେମାନଙ୍କୁ ଦୋକାନ ଘର ଆବଣ୍ଟନ କରାଯାଇନାହିଁ। ଫଳରେ ସେମାନେ ହାତବାନ୍ଧି ବସିଛନ୍ତି। କେହି କେହି ଦାଦନ ଖଟିବାକୁ ବାହାରକୁ ଚାଲିଗଲେଣି। ପଟ୍ଟାମୁଣ୍ଡାଇ ପୌର ପରିଷଦର ଇଚ୍ଛାଶକ୍ତି ଅଭାବରୁ ଭେଣ୍ଡିଂ ଜୋନ୍‌ଗୁଡ଼ିକ ଆବଣ୍ଟନ ହୋଇପାରୁନାହିଁ। ଅନେକ ସ୍ଥାନରେ ଦୋକାନ ଘରଗୁଡ଼ିକ ଖୋଲା ରହୁଥିବାବେଳେ ଦାୟିତ୍ୱ ନେବାକୁ କେହିନାହାନ୍ତି। ଫଳରେ ରାତିଦିନ ସେଠାରେ ଅନୈତିକ କାର୍ଯ୍ୟକଳାପ ଚାଲୁଛି। ରକ୍ଷଣାବେକ୍ଷଣ କରିବାକୁ କେହି ନ ଥିବାରୁ ଭାଙ୍ଗିରୁଜି ଯିବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଉଠାଦୋକାନୀମାନଙ୍କୁ ଖୁବ୍‌ଶୀଘ୍ର ଦୋକାନ ଘର ଆବଣ୍ଟନ କରାଯିବା ଆବଶ୍ୟକ ବୋଲି ସେମାନେ ଦାବି ହୋଇଛି। ଏ ସମ୍ପର୍କରେ ପୌର ଆର୍‌ଆଇ ଭୁବନ ମୋହନ କାନୁନ୍‌ଗୋଙ୍କୁ ପଚାରିବାରେ ଉକ୍ତ ସ୍ଥାନରେ ଯେଉଁମାନେ ବ୍ୟବସାୟ କରୁଛନ୍ତି ସେମାନେ ରସିଦ କାଟିଛନ୍ତି ବୋଲି କହିଛନ୍ତି।

# ରାଜସ୍ୱ ଜନଶୁଣାଣି ଶିବିରରେ ୧୮ ଅଭିଯୋଗ

**ରାମଚଣ୍ଡୀ ମନ୍ଦିର ମେଳଣ ପଡ଼ିଆ ଉଚ୍ଛେଦ, କାଜୁ ଜଙ୍ଗଲ ଜମି ଉଦ୍ଧାର ପାଇଁ ଦାବିପତ୍ର**


ଶିବିରରେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ମହାକାଳପଡ଼ା, ୨୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମହାକାଳପଡ଼ା ତହସିଲ ସଭାଗୃହଠାରେ ରାଜସ୍ୱ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୮ ବିଭିନ୍ନ ଜମି ଜମା ସମ୍ପର୍କିତ ମାମଲା ଜିଲାପାଳ ରଘୁରାମ ଆର ଆୟର ଶୁଣାଣି କରିଥିଲେ। ବିଶେଷ କରି ରାମନଗରସ୍ଥିତ ମା' ରାମଚଣ୍ଡୀ ମନ୍ଦିର ମେଳଣ ପଡିଆକୁ ବେଆଇନ ଜବରଦଖଲକାରୀ ବିଶାଳ ଅଟ୍ଟାଳିକା ନିର୍ମାଣ, ଗୃହ ଓ ଦୋକାନ ବଜାର ମେଲାଇଛନ୍ତି। ମେଳଣ ପଡିଆ ଉଚ୍ଛେଦ କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏହି ଦୃଷ୍ଟିରୁ ମା'ଙ୍କ ମେଳଣ ପଡିଆକୁ ଆଇନ ଅନୁସାରେ ଉଚ୍ଛେଦ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାମନଗର କାଜୁ ଜଙ୍ଗଲ ଜମିରେ ଶହ ଶହ ଗଛ କାଟିବା ସହ ଜଙ୍ଗଲ ମଧ୍ୟରେ ବାଲି ଖୋଳି ନେଇ ବଡ ବଡ ପୋଖରୀ ଖନନ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ତୁରନ୍ତ ସରଜମିନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପରେ ଅପରାହ୍ନରେ ଉପଜିଲାପାଳ ଅରୁଣ କୁମାର ନାୟକ କାଜୁ ଜଙ୍ଗଲ ଜମି ପରିଦର୍ଶନ କରି ଫେରିଛନ୍ତି। ଜଙ୍ଗଲ ମଧ୍ୟରେ ରାତି ଅଧରେ ଶହ ଶହ ଟ୍ରିପ ବାଲି ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ସେହିପରି ଶିବିରରେ ଜମି ଜମା ମାପଚୁପ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ରାଜସ୍ୱ ନୀରିକ୍ଷକ ଓ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

# ଶିକ୍ଷା ମାନବ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବ



ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଆଳି, ୨୦।୧ (ବନମାଳୀ ସେନାପତି )**

**ଆଳି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ଏକବିଂଶ ଶତାବ୍ଦୀର ଶିକ୍ଷା ମାନବ ସମାଜକୁ ଦିଗ୍‌ଦର୍ଶନ ଦେବ ବୋଲି ଆଳି ମହାବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବରେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଖାରବେଳ ମହାନ୍ତି ଏହା କହିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ରବି ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ମହାନ୍ତି କହିଛନ୍ତି, ଆଳି ମହାବିଦ୍ୟାଳୟ ତା'ର ୫୦ବର୍ଷ ଅର୍ଥାତ୍ ବାର୍ଷିକ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି। ଏକବିଂଶ ଶତାବ୍ଦୀର ଶିକ୍ଷା ମାନବ ସମାଜକୁ ଠିକ୍ ଭାବରେ ଦିଗ୍‌ଦର୍ଶନ ଦେବ। କେବଳ ଶିକ୍ଷା ନୁହେଁ ଶିକ୍ଷା ମାଧ୍ୟମରେ ମାନବିକତା ଶିକ୍ଷା ହିଁ ଜରୁରୀ। ତେଣୁ ଶିକ୍ଷା ଲାଭ କରି ଯଦି ଆମେ ଭଲ ମଣିଷ ହୋଇ ନ ପାରିବା ତେବେ ଶିକ୍ଷାର ମୂଲ୍ୟ ରହିବ ନାହିଁ। ଶିକ୍ଷା ତେଣୁ ଭଲ ମଣିଷ ତିଆରି ପାଇଁ ହେବା ଉଚିତ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ମଣିଷ ଜୀବନରେ ଶିକ୍ଷାର ମୂଲ୍ୟ ଓ ଏହି କଲେଜରୁ ଅନେକ ସୁନାମ ଧନ୍ୟ ଛାତ୍ରୀଛାତ୍ର ଆଜି ସମାଜର ବିଭିନ୍ନ ସ୍ତରରେ ଅବସ୍ଥାପିତ। ତେଣୁ ଆଳି ମହାବିଦ୍ୟାଳୟ ସମସ୍ତଙ୍କ ଗର୍ବ ଓ ଗୌରବ। ଶିକ୍ଷା ବିଭାଗ ଅଧ୍ୟାପକ ଏସ୍.ସି. କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବି.କେ. ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗହୀରମଥାରେ ଡଲଫିନ୍‌ଙ୍କ ଜଳକ୍ରୀଡ଼ା

- ମହାନଦୀ ତ୍ରିକୋଣ ଭୂମି ଅବବାହିକା ଅଞ୍ଚଳରେ ୫ ପ୍ରକାର ଡଲ୍‌ଫିନ
- ବନ ବିଭାଗର ତିନି ଟିମ୍ ଗଣନାରେ ସାମିଲ

**ମହାକାଳପଡ଼ା, ୨୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲଫିନ ଦେଖିବାକୁ ମିଳୁଛି। କିଛିବର୍ଷ ହେବ ଚିଲିକା ହ୍ରଦରେ ଦେଖାଯାଉଥିବା ଡଲଫିନ ଗହୀରମଥାରେ ମାଳ ମାଳ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳୁଛି। ଏହି ସ୍ଥାନ ସୁରକ୍ଷିତ ମଣି ଡଲଫିନ ଚିଲିକା ଛାଡ଼ି ଗହୀରମଥାମୁହାଁ ହେଉଛନ୍ତି ବୋଲି ପରିବେଶବିତ୍ ମହଲରେ ଆନନ୍ଦ ପ୍ରକାଶ ପାଇଛି। ରାଜନଗର ବନଖଣ୍ଡ ପକ୍ଷରୁ ୩ଟି ଟିମ୍ ବିଭିନ୍ନ ସ୍ଥାନରେ ୩ ଦିନିଆ ଡଲଫିନ ଗଣନାରେ ନିୟୋଜିତ ରହିଛନ୍ତି। ମହାନଦୀ ମୁହାଣଠାରୁ ଚିଙ୍ଗିରୀ ମାଉଥ,


ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲଫିନ ଜଳକ୍ରୀଡ଼ା କରୁଛନ୍ତି।

ବାବୁବାଲି, ଏକକୂଳାନାଶି, ହବାଲିଖଟି, ହୁକିଟୋଲା, ବରୁଣାଇ ମାଉଥ ଆଦି ଅଞ୍ଚଳରେ ଡଲଫିନ ଜଳକ୍ରୀଡା କରୁଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ୧୪୨୦ ବର୍ଗ କିମି ଅଞ୍ଚଳରେ ବିଶେଷ କରି ଇରାୱାଡ଼ି , ହମ୍ପସ ବେକ୍ , ବଟଲ ନୋଜ , ଷ୍ପିଫେନ ଓ ଗାଙ୍ଗେଟକ୍ ପ୍ରଜାତିର ଡଲଫିନ ଦେଖିବାକୁ ମିଳୁଛି। ଅପରପକ୍ଷରେ ଏହି ପ୍ରଜାତିର ଡଲଫିନ ଶ୍ରୀଲଙ୍କା, ଗୋଆ, ଅଷ୍ଟ୍ରେଲିଆ ସମୁଦ୍ର କୂଳରେ ଦେଖିବାକୁ ମିଳେ ବୋଲି ପରିବେଶ ପ୍ରେମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ କହିଛନ୍ତି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ କପିଳେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଏହି ଅଞ୍ଚଳ ସୁରକ୍ଷିତ ମଣି ଡଲଫିନ ସଂଖ୍ୟା ବୃଦ୍ଧି ପାଇଛି ବୋଲି କହିଛନ୍ତି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସୁନିଶ୍ଚିତ କରାଯାଉଛି ବୋଲି ସେ କହିଛନ୍ତି।

# କେଶବ ଜଣେ ବ୍ୟକ୍ତି ନ ଥିଲେ, ଗୋଟେ ଅନୁଷ୍ଠାନ

**ଆଳି, ୨୦।୧(ବନମାଳୀ ସେନାପତି)**

ଆଳି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ, ଆଳି ଯାଦବ ମହାସଭାର ପୂର୍ବତନ ସଭାପତି, ଆଳି ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ପରିଷଦର ସହସମ୍ପାଦକ କେଶବ ଚରଣ ବେହେରା କେବଳ ଜଣେ ବ୍ୟକ୍ତି ନ ଥିଲେ ବରଂ ସେ ଗୋଟିଏ ଅନୁଷ୍ଠାନ ଥିଲେ ବୋଲି ଅତିଥିମାନେ କହିଛନ୍ତି। କେଶବଙ୍କ ଏକାଦଶାହ ଉପଲକ୍ଷେ ମଙ୍ଗଳବାର ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ରାଜ୍ୟ ଉପସଭାପତି ମନୋଜ କୁମାର ପରିଡା ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ସହ ତାଙ୍କର ବିଭିନ୍ନ କ୍ଷେତ୍ରରେ ଆଳି ପ୍ରତି ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା କେନ୍ଦ୍ରାପଡ଼ା ଜିଲା ଯାଦବ ସଂଘର ସମ୍ପାଦକ ଚିନ୍ମୟ କୁମାର ଦାସ ଯୋଗଦେଇ ଜଣେ ଶିକ୍ଷକ ଭାବେ ସାର ଯେଉଁ ପ୍ରଶଂସା ଅର୍ଜନ କରିଥିଲେ ତାହା କମ ଲୋକଙ୍କ କ୍ଷେତ୍ରରେ ହିଁ ଘଟିଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ କବି ଗୋବିନ୍ଦ ଚନ୍ଦ୍ର ନନ୍ଦ ଯୋଗଦେଇ ସେ ନିଜେ କେଶବ ସାର୍‌ଙ୍କ ଛାତ୍ର ଥିଲେ ଓ ତାଙ୍କଠାରୁ ଶିକ୍ଷା ପାଇ ସେ ଆଜି ସମାଜରେ ଭଲ ସ୍ଥିତିରେ ରହିଛନ୍ତି। ଆଳି ବ୍ଲକ ଯାଦବ ମହାସଭା ସଭାପତି ଶେଖର ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଂଗ୍ରେସ ବ୍ଲକ ସଭାପତି ରବି ନାରାୟଣ ବେହେରା, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବିଜେଡି ସଙ୍ଗଠକ ବ୍ରଜ ସୁନ୍ଦର ଭୂୟାଁ, ଶିକ୍ଷାବିତ ବିଶ୍ୱମ୍ଭର ପାଣି, ଶରତ ଦାସ, ଶରତ ରାୟ, ବାସୁଦେବ ସିଂହ,ରବୀନ୍ଦ୍ର ବେହେରା, ପ୍ରଭାତ ଦାସ, ଭକ୍ତବନ୍ଧୁ ମିଶ୍ର, କେଶବଙ୍କ ନାତୁଣୀ ଆବୃତ୍ତି ବେହେରା ଓ ଅଞ୍ଜଳି ବାରିକ ପ୍ରମୁଖ ତାଙ୍କ ସ୍ମୃତି ଚାରଣ କରିଥିଲେ। ସାହିତ୍ୟିକ ବନମାଳୀ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେଶବଙ୍କ ଜ୍ୟେଷ୍ଠପୁତ୍ର ଡା. ପ୍ରକାଶ ବେହେରା ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଥିଲେ।


ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ସେମିରେ ନୃସିଂହନାଥ ୟୁଥ୍ କ୍ଲବ ଭାମଣ୍ଡା

**ଭାମଣ୍ଡା କପ୍ କ୍ରିକେଟ**

**ରାଜକନିକା, ୨୦।୧(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ଭାମଣ୍ଡା ନୃସିଂହ ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମୁକେଶ ପଟ୍ଟନାୟକଙ୍କ ପ୍ରାୟୋଜିତ ଜିଲାସ୍ତରୀୟ ଭାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିନ ଖେଳରେ ରୟାଲ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ନୃସିଂହ ନାଥ ୟୁଥ କ୍ଲବ ଭାମଣ୍ଡାକୁ ଭେଟିଥିଲା। ଏଥିରେ ଭାମଣ୍ଡଓ ୮୮ ରନରେ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଭାମଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୯ ରନ କରିଥିବାବେଳେ କେନ୍ଦ୍ରାପଡ଼ା ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ରନ କରି ପରାଜୟ ବରଣ କରିଛି। ଏହି ଖେଳକୁ ନିରଞ୍ଜନ ଦାଶ ଓ ବିଶ୍ୱଜିତ ଅଧିକାରୀ ପରିଚାଳନା କରିଥିଲେ। ଅମିତ ମହାପାତ୍ର, ସତ୍ୟଜିତ ବେହେରା ସ୍କୋରର କାର୍ଯ୍ୟ ସମ୍ପାଦନ କରିଥିଲେ। ବିଜେତା ଦଳର ବିଶ୍ୱ ଭୂଷଣ ବିହାରୀ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସତ୍ୟବ୍ରତ ବିଶ୍ୱାଳ, ଅବିନାଶ ସାମଲ, ରିତେଶ ସାମଲ, ବିକ୍ରମ ମହାପାତ୍ର, ଅନନ୍ତ ମହାପାତ୍ର, ରାକେଶ ସାମଲ, ଦୀପକ ମହାପାତ୍ର, ସୁବ୍ରତ ବିଶ୍ୱାଳ, ରାକେଶ ବିଶ୍ୱାଳ, ବିକାଶ ମହାପାତ୍ର, ଅବିନାଶ ନାୟକ, ମାନସ ନାୟକ, ଆଶିଷ ଶତପଥୀ, ତୁଷାର ମହାପାତ୍ର, ଅନ୍ତର୍ଯ୍ୟାମୀ ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବିଶ୍ୱ ଭୂଷଣ ବିହାରୀ।

# ନେତାଜୀ କ୍ଲବ ପକ୍ଷରୁ ମିନି ମାରାଥନ ପ୍ରସ୍ତୁତି ବୈଠକ

**ରାଜକନିକା,୨୦।୧(ସଞ୍ଜୟ କୁମାର ଦାଶ)**

ରାଜକନିକାରେ ୧୨୯ତମ ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ ଅବସରରେ ନେତାଜୀ କ୍ଲବ୍ ଦ୍ୱାରା ଆୟୋଜିତ ମିନି ମାରାଥନ ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ମିନି ମାରାଥନ ଆସନ୍ତା ୨୩ ତାରିଖ ସକାଳ ସାଢେ ୬ଟାରେ ଆରଏମ୍‌ସି ଗୃହ ଆଳି ନିକଟରୁ ଆରମ୍ଭ ହୋଇ ରାଜକନିକାର ନେତାଜୀ ଛକ ପର୍ଯ୍ୟନ୍ତ ହେବ। ଏ ସମ୍ବନ୍ଧରେ କ୍ଲବ ସମ୍ପାଦକ ଶୁଭ୍ରଜିତ ବିଶ୍ୱାଳ ସୂଚନା ଦେଇ କହିଛନ୍ତି, ନେତାଜୀଙ୍କ ଦେଶପ୍ରେମ, ସାହସ ଓ ପରାକ୍ରମର ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରଚାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ମାରାଥନରେ ସ୍ଥାନୀୟ ଯୁବତୀଯୁବକ ଓ କ୍ରୀଡାପ୍ରେମୀମାନଙ୍କୁ ଉତ୍ସାହ ପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିବାକୁ କ୍ଲବ ପକ୍ଷରୁ ଆହ୍ୱାନ କରାଯାଇଛି। ବୈଠକରେ କ୍ଲବର ସଦସ୍ୟ କୃଷ୍ଣ ଚନ୍ଦ୍ର ସାହୁ, ସୁମନ୍ତ ନାୟକ, ସୁଶାନ୍ତ ବାରିକ, ସତ୍ୟଜିତ ନାୟକ, ରଞ୍ଜିତ କରଣ, ଉମାକାନ୍ତ ବିଶ୍ୱାଳ, ଅଭିଷେକ ନାଥ, ରାହୁଲ ନାୟକ, ଜିତେନ୍ଦ୍ର ବାରିକ, ବିଭୁଦତ୍ତ ନାୟକ, ଶୁଭଲକ୍ଷ୍ମୀ ଖଟୁଆ, ଲକ୍ଷ୍ମୀପ୍ରିୟା ବଳ ଉପସ୍ଥିତି ଥିଲେ।

# ଜାଗୁଲେଇପଡ଼ା-ଦେଶପୁର ବିଦ୍ୟାନିକେତନର ବାର୍ଷିକ ଉତ୍ସବ

**ଡେରାବିଶ, ୨୦।୧ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଜାଗୁଲାଇପଡ଼ା-ଦେଶପୁର ବିଦ୍ୟାନିକେତନ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନିଆ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ଅତୁଲ୍ୟ କୁମାର ରଥଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀମନ୍ତ ରାଉତରାୟ, ମୁଖ୍ୟବକ୍ତା ଶିକ୍ଷାବିତ୍ ନରେନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାନିକେତନର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ପାତ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଡେରାବିଶ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଡେରାବିଶ, ୨୦।୧ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ମହାବିଦ୍ୟାଳୟରେ ୨ଦିନ ବ୍ୟାପୀ ୨୭ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପରିଚାଳନା ସମିତି ସଭାପତି ଶରତ ଚନ୍ଦ୍ର କର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କର ବକ୍ତବ୍ୟରେ ଶିକ୍ଷା କେବଳ ମାନସିକ ଓ ଆତ୍ମିକ ବିକାଶ ନୁହେଁ ଶାରୀରିକ ବିକାଶକୁ ବୁଝାଏ ଏବଂ ଛାତ୍ରୀଛାତ୍ରଙ୍କ ଜୀବନରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଅଧ୍ୟକ୍ଷ ନାୟକ କ୍ରୀଡାର ବିଭିନ୍ନ ବିଭାଗରେ ଅଧିକ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି ଓ ବିଶ୍ୱଜିତ ସାହୁ ସମ୍ମାନିତ ଅତିଥି ଭାବେ କ୍ରୀଡାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡା ସଂସଦର ଉପସଭାପତି ସଞ୍ଜୟ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ସନ୍ଦୀପ ବଳ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡା ପରିଚାଳନାରେ କ୍ରୀଡା ପରିଷଦର ସଭ୍ୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ସନ୍ଦୀପ ବଳ, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ସାହୁ, ଇଂରାଜୀ ଅଧ୍ୟାପିକା ଆକାଂକ୍ଷା ଦାସ, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ପ୍ରଜ୍ଞା ପରମିତା ରାଉତରାୟ, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସୁଭଶ୍ରୀ ବେହେରା, ଅର୍ଥନୀତି ଆଧ୍ୟାପିକା ବନିତା ମହାରଣା, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ସୁବାସିନୀ ମିଶ୍ର ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅଭିଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କ ଉପସ୍ଥିତି କ୍ରୀଡା ଉତ୍ସବକୁ ଅନୁଷ୍ଠିତ ହୋଇଥିଲା।



କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

# ଗୋଷ୍ଠୀ ତତ୍ତ୍ୱ ହେଉଛି ବସ୍ତୁର ଭୌତିକ ଗୁଣ, ପ୍ରତିସମତାର ଗାଣିତିକ ପ୍ରୟୋଗ

**ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ଆଲୋଚନାଚକ୍ର**

**ପଟ୍ଟାମୁଣ୍ଡାଇ, ୨୦।୧ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ପକ୍ଷରୁ ଗୋଷ୍ଠୀ ତତ୍ତ୍ୱ ଏବଂ ଏହାର ପ୍ରୟୋଗ ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର କଲେଜ ସ୍ମାର୍ଟ କ୍ଲାସରୁମରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପୌରୋହିତ୍ୟ ଓ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ପଟ୍ଟାମୁଣ୍ଡାଇ କଲେଜ ପୁରାତନ ଛାତ୍ର ତଥା ଦାଣ୍ଡିସାହି ବ୍ରହ୍ମଣୀ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ଶିବଚରଣ ଦାସ ଯୋଗଦେଇ ଗୋଷ୍ଠୀ ତତ୍ତ୍ୱ ହେଉଛି ଏକ ବସ୍ତୁର ଭୌତିକ ଗୁଣ ବିଷୟରେ ଜ୍ଞାନ ପାଇବା ପାଇଁ ପ୍ରତିସମତାର ଗାଣିତିକ ପ୍ରୟୋଗ। ଯାହା ସାରଣୀକୁ ଆଣି କିପରି ଏକ ଅଣୁର ପ୍ରତିସମତାର ଭୌତିକ ଗୁଣ ସହିତ ଜଡ଼ିତ କରି ଅଣୁର ପ୍ରାସଙ୍ଗିକ ଭୌତିକ ସୂଚନା ନିର୍ଣ୍ଣୟ କରିବା ପାଇଁ ଏକ ସରଳ ପଦ୍ଧତି ପ୍ରଦାନ କରେ। ଏକ ଅଣୁର ପ୍ରତିସମତା ଆପଣଙ୍କୁ କକ୍ଷପଥଗୁଡ଼ିକର ଶକ୍ତି ସ୍ତର କେତେ ହେବ, କକ୍ଷପଥର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ପ୍ରତିସମତା କ'ଣ, ଶକ୍ତି ସ୍ତର ମଧ୍ୟରେ କେଉଁ ପରିବର୍ତ୍ତନ ଘଟିପାରେ, ଏପରିକି କିଛି ନାମ ଦେବା ପାଇଁ ବନ୍ଧନ କ୍ରମ ମଧ୍ୟ ମିଳିପାରିବ। ଏସବୁ କଠୋର ଗଣନା ବିନା ସମତାରୁ ଏତେ ଗୁରୁତ୍ୱପୂର୍ଣ୍ଣ ଭୌତିକ ଦିଗଗୁଡ଼ିକ ପ୍ରାପ୍ତ ହୋଇପାରିବ ଏହା ଏକ ଅତ୍ୟନ୍ତ ଗଭୀର ବିବୃତ୍ତି ଏବଂ ଏହା ହିଁ ଗୋଷ୍ଠୀ ତତ୍ତ୍ୱକୁ ଏତେ ଶକ୍ତିଶାଳୀ କରିଥାଏ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ପାଣ୍ଡବ ଅତିଥି ପରିଚୟ ପ୍ରଦାନ କରିବା ସହ ଗୋଷ୍ଠୀ ତତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ କହିଥିଲେ, ଗୋଷ୍ଠୀ ତତ୍ତ୍ୱ ହେଉଛି ଗଣିତର ଏକ ଶାଖା ଯାହା 'ଗୋଷ୍ଠୀ' ନାମକ ବୀଜଗାଣିତିକ ଗଠନ ଅଧ୍ୟୟନ କରେ, ଯେଉଁଠାରେ ଉପାଦାନଗୁଡ଼ିକର ଏକ ସେଟ୍ ଉପରେ ଏକ ବାଇନାରୀ କାର୍ଯ୍ୟ (ଯେପରିକି ଯୋଗ କିମ୍ବା ଗୁଣନ) କିଛି ନିୟମ ପାଳନ କରି ସହଭାଗିତା, ପରିଚୟ ଉପାଦାନ, ବିପରୀତ ଗାଣିତିକ ପ୍ରୟୋଗଗୁଡ଼ିକ ମଧ୍ୟରେ ସାରାଂଶ ବୀଜଗଣିତ, ଜ୍ୟାମିତି, ସଂଖ୍ୟା ତତ୍ତ୍ୱ ଏବଂ କ୍ରିପ୍ଟୋଗ୍ରାଫି ଅନ୍ତର୍ଭୁକ୍ତ। ସେ ଗାଣିତିକ ପ୍ରୟୋଗ ବିଷୟରେ ପିଲାମାନଙ୍କୁ ବୁଝାଇ କହିଥିଲେ, ସାରାଂଶ ବୀଜଗଣିତ- ବଳୟ, କ୍ଷେତ୍ର ଏବଂ ଭେକ୍ଟର ସ୍ପେସ୍ ଭଳି ଅନ୍ୟାନ୍ୟ ଗଠନର ଆଧାର ଗଠନ କରେ। ସଂଖ୍ୟା ତତ୍ତ୍ୱ- ବିଶେଷକରି ସାଧାରଣ କୃତ କ୍ଷେତ୍ରରେ, ମୌଳିକ ସଂଖ୍ୟା ଏବଂ ଗୁଣନକରଣର ଗୁଣଧର୍ମ ବୁଝିବାରେ ସାହାଯ୍ୟ କରେ। ଜ୍ୟାମିତି- ପ୍ରତିସମତା ଏବଂ ରୂପାନ୍ତରଣ ଅଧ୍ୟୟନ କରେ, ଯେପରିକି ଏକ ବସ୍ତୁର ସମସ୍ତ ପ୍ରତିସମତା ରୂପାନ୍ତରଣର ସେଟ କରେ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇକ୍ୟୁସି ସଂଯୋଜକ ଶୁଭାଶୀଷ ମିଶ୍ର ବିଷୟ ଭିତ୍ତିକ ସନ୍ଦର୍ଭ ପାଠ କରିଛନ୍ତି। ଅନ୍ୟତମ ଅତିଥି ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁନୀଲ କୁମାର ପ୍ରଧାନ ପୁରାତନ ଛାତ୍ରମାନଙ୍କର ଅନୁଷ୍ଠାନ ପ୍ରତି ଅବଦାନ ଅତୁଳନୀୟ ବୋଲି ବାଖ୍ୟା କରିଥିଲେ। ଶେଷରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସହିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକାଅଧ୍ୟାପକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଗଣିତ ଅଧ୍ୟାପକ ନିର୍ମଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପାଳିତ

କାଶୀନଗର,୨୦।୧(ପି ମୁରଲୀ)

କାଶୀନଗର ପଞ୍ଚାୟତ ସମିତି ପକ୍ଷରୁ ମଙ୍ଗଳବାର ଜାତୀୟ ସଂଗୀତ ବନ୍ଦେ ମାତରଂର ୧୫୦ତମ ବାର୍ଷିକୀ ପାଳିତ ହୋଇଛି। ସମିତି ଅଧ୍ୟକ୍ଷା ବି.ସାୟାମ୍ମାଙ୍କ ସଭାପତିତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା କାର୍ଯ୍ୟକ୍ରମକୁ ସିଆର୍‌ସିସି ମୋହନ ରାଓ ପରିଚାଳନା କରିଥିଲେ। ଅତିଥି ଭାବେ ବିଡିଓ ଡମ୍ବରୁଧର ମଲ୍ଲିକ, ପିଇଓ ଲକ୍ଷ୍ମୀକାନ୍ତ ସାହୁ, ଖାରଡ଼ା ସରପଞ୍ଚ ଅଖିଳ ପାତ୍ର, ଅଲଡା ସରପଞ୍ଚ ଗୋପାଳ ଗମାଙ୍ଗ, ବରିଷ୍ଠ ନାଗରିକ ହୃଷିକେଶ ଗୌଡ଼, କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜାତୀୟ ସଂଗୀତର ଇତିହାସ ଓ ସାମ୍ପ୍ରତିକ ସମୟ ପାଇଁ ତାର ପ୍ରାସଙ୍ଗିକତା ସମ୍ପର୍କରେ ମତ ରଖିଥିଲେ। ଜାତୀୟ ସଂଗୀତ ବନ୍ଦେ ମାତରଂ ଗାନ କରାଯିବା ସହ ଏହି ଅବସରରେ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ଦପ୍ତରରେ ସମ୍ବିଧାନର ପ୍ରସ୍ତାବନାକୁ ସ୍ଥାନୀୟ ଓ ଇଂରାଜୀ ଭାଷାରେ ଲେଖିବା ଉଚିତ ବୋଲି ନାଗରିକ ମହାସଭା ସଭାପତି ମିଶ୍ର ପ୍ରସ୍ତାବ ଦେଇଥିଲେ।

### ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଦାରିଙ୍ଗବାଡ଼ି,୨୦।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ସିମନବାଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଳତୀ ସାହୁଙ୍କ ମଙ୍ଗଳବାର ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଛି। ମାଳତୀ ସିମନବାଡ଼ିର ପ୍ରଥମ ମହିଳା ସରପଞ୍ଚ ହୋଇଥିଲେ। ସେ ୧୯୯୭ରେ ନିର୍ବାଚିତ ହୋଇ ସରପଞ୍ଚ ଦାୟିତ୍ୱ ତୁଲାଇଥିଲେ। ପୂର୍ବରୁ ତାଙ୍କ ସ୍ୱାମୀ ମଧୁସୂଦନ ସାହୁ ମଧ୍ୟ ଉକ୍ତ ପଞ୍ଚାୟତରେ ୨ଥର ସରପଞ୍ଚ ହୋଇଥିଲେ। ପ୍ରଥମେ ସେ ୧୯୮୮ ଏବଂ ୧୯୯୫ ରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଇଥିଲେ। ଗତ ବର୍ଷ ମାଳତୀଙ୍କ ବିୟୋଗ ହୋଇଥିଲା। ତାଙ୍କର ପ୍ରଥମ ଶ୍ରାଦ୍ଧ ଦିବସରେ ପରିବାର ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ କରାଯାଇ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଗୋଟିଏ ଦଶନ୍ଧି ପୂର୍ବରୁ ମାଳତୀଙ୍କ ସ୍ୱାମୀ ସ୍ୱର୍ଗତ ମଧୁସୂଦନଙ୍କ ବିୟୋଗ ପରେ ୨୦୧୬ରେ ତାଙ୍କ ପ୍ରଥମ ଶ୍ରାଦ୍ଧ ଦିବସରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା ଏବେ ତାଙ୍କ ନିକଟରେ ପୂର୍ବତନ ସରପଞ୍ଚ ମାଳତୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।

# ନୟାଗଡ଼ ଏବିଭିପିର ଛାତ୍ର ସମ୍ମିଳନୀ

ନୟାଗଡ଼, ୨୦।୧(ଲୋକନାଥ ମିଶ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ନୟାଗଡ଼ ନଗର ଛାତ୍ର ସମ୍ମିଳନୀ ସ୍ଥାନୀୟ ରାଜବାଟି କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ୧୬୪ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସକୁ ଦେଶ ବ୍ୟାପୀ ଏବିଭିପି ସପ୍ତାହ ପାଳନ ଅବସରରେ ନୟାଗଡ଼ ନଗର ମଧ୍ୟ ଯୁବ ଦିବସ ଓ ପରାକ୍ରମ ଦିବସ ପାଳନ ସହ ନଗରର ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ଯୋଗଦେଇ ଏବିଭିପିର ଲକ୍ଷ୍ୟ ଆଦର୍ଶ ଓ ସ୍ୱାମୀ ବିବେକାନନ୍ଦ ଓ ନେତାଜୀଙ୍କ ଜୀବନାଦର୍ଶ



ସମ୍ମିଳନୀରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଉପରେ ବକ୍ତବ୍ୟ ରଖିଥିଲେ । ଜିଲା ସଂଯୋଜକ ସୌମ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ ରଖିବା ସହ ନୂତନନଗର ସଭାପତି ଓ ସମ୍ପାଦକଙ୍କ ନାମ ଘୋଷଣା କରିଥିଲେ। ନୂତନ ନଗର ସଭାପତି ଭାବେ ଅଧ୍ୟାପିକା ବବିତା ଦାସ ଓ ସମ୍ପାଦକ ସୌଭାଗ୍ୟ ରଞ୍ଜନ ପ୍ରଧାନ ଦାୟିତ୍ୱ ପାଇଛନ୍ତି । ବିଭାଗ ସଂଗଠନ ମନ୍ତ୍ରୀ ଅଭିଜିତ ପଟ୍ଟନାୟକ ସମାରୋପ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ସଞ୍ଚାଳନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ଶତପଥୀ କରିଥିଲେ । ସେହିପରି ନୂତନ ନଗର କାର୍ଯ୍ୟକାରିଣୀ ସହ ସମ୍ପାଦକ ସୋହନ ରାଉତ ରାୟ, ଲକ୍ଷ୍ମୀଧର ପାଣିଗ୍ରାହୀ, ଜ୍ୟୋତି ନାୟକ ଏସଏଫଏସ୍ ନଗର ସଂଯୋଜକ- ପିୟୁଷ ଦାସ ଏସ୍‌ଫଏସ ସହ ସଂଯୋଜକ ଗଙ୍ଗାଧର ଦାସ,ଖେଲୋ ଭାରତ ନୀହାର ରଞ୍ଜନ ନାୟକ, ଗଗନ ନାୟକ ,ଏସଏଫଡି ଲିପୁ ସେଠୀ ଓ ଶ୍ରୀଧର ସାହୁ,ସିଡିଡି କ୍ଷେତ୍ରବାସୀ ମହାପାତ୍ର ଓ ପ୍ରିୟବ୍ରତ ସୋସିଆଲ ମିଡ଼ିଆ ଦାୟିତ୍ୱ ସାଇ ଅମ୍ରିତ, ମିଡ଼ିଆ ବିଶ୍ୱଜିତ ସ୍ୱାଇଁ ଓ ଚର୍ଚ୍ଚିତ ରାଷ୍ଟ୍ରୀୟ କଳାମଞ୍ଚ ର ଦାୟିତ୍ୱ ସୋହନ ସାହୁ ଏବଂ ନଗର କାର୍ଯ୍ୟକାରିଣୀ ଭାବେ ସାଇ ସୁରିଆ ପଟ୍ଟନାୟକ,ସାଗର ସେଠି,ସାଇ ପ୍ରସାଦ ସାହୁ,ଆରୋବିନ୍ଦ ଦାସ,ପ୍ରଭାତୀ ପାତ୍ର,ଅବିନାଶ ସାହୁ,ଆୟୁଷ ପାତ୍ର, ରମାକାନ୍ତ ଗଜେନ୍ଦ୍ରଙ୍କ ନାମ ରହିଛି। କାର୍ଯ୍ୟକ୍ରମରେ ନୟାଗଡ଼ ସୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ଜିଲା ସହ ସଂଯୋଜକ ମଙ୍ଗୁଲିଆ ବେହେରା, ସନ୍ତୋଷିନି ମନ୍ତ୍ରୀ, ରିଙ୍କୁ ପ୍ରଧାନ ଓ ସତ୍ୟନାରାୟଣ ଦୋରା ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନୟାଗଡ଼ ସହର ରାସ୍ତାରେ ବେଆଇନ ପାର୍କିଂ

# ଧରପଗଡ କରି ୮ ଯାନବାହନ ମାଲିକଙ୍କୁ ଜରିମାନା

### ୩ଦିନ ପୂର୍ବରୁ ନୋଟିସ୍ ପରେ ବି ଅଣଦେଖା

ନୟାଗଡ଼,୨୦।୧(ଲୋକନାଥ ମିଶ୍ର): ନୟାଗଡ଼ ସହରର ନୟାଗଡ଼ ଖଣ୍ଡପଡା ରାସ୍ତା, ନୟାଗଡ଼-ଶରଣକୁଳ ରାସ୍ତା, ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼-ଖୋର୍ଦ୍ଧା ଓ ନୟାଗଡ଼-ଦଶପଲ୍ଲା ରାସ୍ତା ଉପରେ ଅଚଳ ତଥା ଭଲ ଯାନ ବସ୍, କାର, ଟ୍ରକ୍ ପରି ଯାନବାହନ ବର୍ଷ ତମାମ ରହି ଆସୁଛି । ରାସ୍ତା ଉପରେ ଯାନବାହନ ରହୁଥିବାରୁ ଜାମ ହେବା ସହ ଟ୍ରାଫିକ ସମସ୍ୟା ବଢି ଚାଲିଛି । ଏପରିକି ଦୁର୍ଘଟଣାକୁ ବଢ଼ାଉଛି । ଧନଜୀବନ ନଷ୍ଟ ହେବା ସହ ପରିବାର ଉପରେ ଏହାଭର ପ୍ରଭାବ ପଡୁଛି। ବିପର୍ଯ୍ୟସ୍ତ ଟ୍ରାଫିକକୁ ସଜାଡିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତା ଜାମ କରୁଥିବା ଯାନବାହନ ମାଲିକଙ୍କୁ ୩ ଦିନ ପୂର୍ବରୁ ନୋଟିସ୍ କରାଯାଇଥିଲେ ମଧ୍ୟ ସୁଫଳ ମିଳିନଥିଲା। ଶେଷରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ,ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ନିର୍ମଳ ମହାନ୍ତି, ତହସିଲଦାର ରାଜେଶ ସ୍ୱାଇଁ, ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ପ୍ରଧାନଙ୍କ ମିଳିତ ଚଢ଼ାଉ କ୍ରମେ ଧରପଗଡ ତ୍ୱରାନ୍ୱିତ ହୋଇଛି। ମଙ୍ଗଳବାରଠାରୁ ଧରପଗଡ ଆରମ୍ଭ ହୋଇଛି। ମଙ୍ଗଳବାର ୮ ଯାନବାହନ ମାଲିକଙ୍କୁ ଜରିମାନା କରାଯାଇଛି। ପ୍ରଶାସନର ଚଢ଼ାଉକୁ ଦେଖି ନୟାଗଡ଼ ସହରର କେତେକ ସ୍ଥାନରେ ମାଲିକମାନେ ଯାନବାହନ ରାସ୍ତାରୁ ହଟାଇ ନେଇଥିଲେ। ତେବେ କେତେକ ମାଲିକ ଚଢ଼ାଉକୁ ଦେଖି ହଟାଇ ନେଲେ । ତେବେ ଚଢ଼ାଉ ଶେଷ ପରେ ପୁଣି ନୟାଗଡ଼ ସହରର ରାସ୍ତା ଉପରେ ପୁଣି ଯାନବାହନ ରଖା ଯାଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ କରାନଗଲେ ସମ୍ପୃକ୍ତ ଯାନବାହନ ରାସ୍ତାରୁ ହଟାଇବା ସମ୍ଭବ ନୁହେଁ। ପ୍ରଶାସନ ଧରପଗଡକୁ ତ୍ୱରାନ୍ୱିତ କରି ଜରିମାନାକୁ କଡାକଡି କରାଇବା ଦରକାର ବୋଲି ମତ ପ୍ରକାଶ ପାଇଛି ।

### ରାସ୍ତାରେ ବସ୍ ପାର୍କିଂକୁ ଲଗାମ ନାହିଁ

ବସ୍‌ଗୁଡିକ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥରେ ନ ରହି ନୂଆ ବସ୍‌ଷ୍ଟାଣ୍ଡ, ବସ୍‌ରହଣି ସ୍ଥଳରେ ରହଣି କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଯେଉଁ ବସ୍‌ମାଲିକ ସରକାରୀ ନିର୍ଦ୍ଦେଶ ଅଣଦେଖା କରିବେ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପର ସବୁ ବସ ନୂଆ ବସ୍‌ଷ୍ଟାଣ୍ଡକୁ ଯିବାକୁ ବାଧ୍ୟତାମୂଳକ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବା ବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ହେଲେ ଯଥା ପୂର୍ବଂ ତଥା ପରଂ ବ୍ୟବସ୍ଥା ଲାଗି ରହିବ ବୋଲି କୁହାଯାଉଛି । ବସ୍‌ଗୁଡିକ ପୁରୁଣା ଜେଲ ସମ୍ମୁଖ ଜାତୀୟ ରାଜପଥ ଉପରେ ରହି ଟ୍ରାଫିକ ସେବା ବିପର୍ଯ୍ୟସ୍ତ କରି ଚାଲିଛି। ପୁଣି ସବୁ ବସ୍‌ଗୁଡିକ ନୂଆବସ୍‌ଷ୍ଟାଣ୍ଡକୁ ଯାଉ ନାହିଁ । ଦଶପଲ୍ଲା, ଖଣ୍ଡପଡା ଓ ଶରଣକୁଳ ରାସ୍ତାରେ ମଧ୍ୟ ଅନୁରୂପ ଭାବେ ବସ୍ ଅଟକି ରହୁଛି ବୋଲି ଅଭିଯୋଗ ହୋଇ ଆସୁଛି। ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ରାସ୍ତା ଉପରେ ରହୁଥିବା ଯାନବାହନଗୁଡ଼ିକୁ ହଟାଇବା ପାଇଁ ଗତ ଗୁରୁବାର ୩ଦିନିଆ ନୋଟିସ୍ କରାଯାଇଥିଲା। ସୋମବାର ଧରପଗଡ କରାଯିବାର ରହିଥିଲେ ହେଁ ମଙ୍ଗଳବାର କରାଯାଇଥିଲା। ତଥାପି ଯାନବାହନ ରାସ୍ତା ଉପରେ ଥିଲା । ଧରପଗଡ ଓ ଜରିମାନା ଲାଗି ରହିବ ବୋଲି କହିଛନ୍ତି । ସେହିପରି ରାସ୍ତା ଉପରେ ପାର୍କିଂ କରୁଥିବା ବସ୍‌ଗୁଡିକୁ ମଧ୍ୟ ଖୁବ ଶୀଘ୍ର ରହଣି ସ୍ଥାନରେ ରହିବାକୁ କୁହାଯିବ । ଜିଲାପାଳଙ୍କ ନିର୍ଦ୍ଦେଶରେ ଧରପଗଡ କାର୍ଯ୍ୟ ଚାଲୁ ରହିଛି ବୋଲି କହିଛନ୍ତି ।



ରାସ୍ତାରେ ଥିବା ଯାନବାହନ ହଟାଯାଉଛି ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମିଳୁନି ପୋଷାକ ଭତ୍ତା

### ଅବସର ବୟସ ୬୨ କରିବାକୁ ବୈଠକରେ ଦାବି

ଭଞ୍ଜନଗର,୨୦।୧(ବାବୁଲା ପ୍ରଧାନ)

ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ବାର୍ଷିକ ବୈଠକ ରବିବାର ସ୍ଥାନୀୟ ବନ ବିହାର ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ ଅବସର ବୟସ ୬୨ କରିବା ପାଇଁ ଦାବି ହୋଇଥିଲା। ଏଥିସହ ଭଞ୍ଜନଗର ସହରର ଅନେକ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ଭତ୍ତା ମିଳୁଥିବା ବେଳେ ଆଉ କେତେକ କାର୍ଯ୍ୟାଳୟରେ ପୋଷାକ ଭତ୍ତା ମିଳୁନାହିଁ। ଏନେଇ ଆବଶ୍ୟକ ଚିଠି ଦେଖାଇଲେ ମଧ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ପୋଷାକ ଭତ୍ତା ଦେଉନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ସଭାପତି କାହ୍ନୁ ଚରଣ ଦିଗାଲ ଦାବି କରିଛନ୍ତି। ଏଥିସହ ସଂଘର ସ୍ଥାୟୀ ଗୃହ ନିର୍ମାଣ ସମେତ ଅନ୍ୟାନ୍ୟ ବିଷୟ ବୈଠକରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ଉପ ସଭାପତି ରବୀନ୍ଦ୍ର ପରିଡ଼ା, କୋଷାଧ୍ୟକ୍ଷ ବିଜୟ ସ୍ୱାଇଁ, ସଙ୍ଗଠନ ସଂପାଦକ ବିଜୟ ଶତପଥୀ, ଉପଦେଷ୍ଟା ବିଜୟ ଗୌଡ, ବିପ୍ର ଚରଣ ଗୌଡ, ଦିଲୀପ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ସମେତ ଆଉ କେତେକ ବିଭାଗରେ ମଧ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ଭତ୍ତା ମିଳୁନାହିଁ। ଏଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେଉନାହାନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

### ଇତିହାସ ବିଭାଗ ପାଠଚକ୍ର

ଚିକିଟି,୨୦।୧(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଇତିହାସ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ସୁଦର୍ଶନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପାଠଚକ୍ରରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷ ଆକୁଳା ନନ୍ଦ ପାଢ଼ୀ ଯୋଗ ଦେଇ ଇତିହାସ ଅଧ୍ୟୟନରେ ଘଟଣାକୁ ବୈଜ୍ଞାନିକ ଓ ସୁସଙ୍ଗଠିତ ଭାବରେ ବୁଝିବାକୁ ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା ଆବଶ୍ୟକ କରେ। ଏହା ଘଟଣାର ସତ୍ୟତା, କାରଣ, ଫଳାଫଳ ଏବଂ ମହତ୍ତ୍ୱକୁ ସୂଚାଇଥାଏ। ମୁଖ୍ୟବକ୍ତା ଭାବେ ଡ଼. ରମା ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଇତିହାସ ବିଭାଗ ଅଧାପକ ସରୋଜ ଦାସ, ତୃପ୍ତିମୟୀ ପ୍ରଧାନ ଯୋଗଦେଇ ଇଂରାଜୀ ଶାସନ କାଳରେ ଭାରତର ଅର୍ଥନୀତି ଉପରେ ଗଭୀର ଓ ଦୂରଗାମୀ ପ୍ରଭାବ ପଡିଥିଲା । ଏହି ପ୍ରଭାବ ଅଧିକାଂଶ କ୍ଷେତ୍ରରେ ଭାରତ ପାଇଁ ଏକ ନକାରାତ୍ମକ ଥିଲା । କୃଷି ଦୁର୍ବଳ, ଶିଳ୍ପ ଧ୍ୱଂସ ଓ ଧନ ନିଷ୍କାସନ ହେତୁ ଭାରତ ଗରିବ ଦେଶରେ ପରିଣତ ହେଲା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଯୁକ୍ତ ତିନି କଳାବିଭାଗ ତୃତୀୟ ବର୍ଷ ଛାତ୍ର କେ. କାଳୁ ଚରଣ ଦାସ ପ୍ରବନ୍ଧ ପାଠ କରିଥିଲେ। ପିଙ୍କୁ ପ୍ରଧାନ ଧନ୍ୟବାଦ ଦେଇଥିଲେ । ପରେ ବିଭାଗୀୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାନ୍ଦୀପନି ବିଦ୍ୟା ନିକେତନର ରୌପ୍ୟ ଜୟନ୍ତୀ

ଚିକିଟି,୨୦।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟା ନିକେତନର ରୌପ୍ୟ ଜୟନ୍ତୀ ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସଭାପତିତ୍ୱରେ ହୋଇଥିବା ଏହି ୨ ଦିନିଆ ଉତ୍ସବର ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାର୍ଥ ମହାପାତ୍ର ଯୋଗଦେଇ ଆଜିର ଯୁଗରେ ଶିକ୍ଷା ଦେଶର ଉନ୍ନତିର ମୁଖ୍ୟ ଉପାୟ। ଗୁରୁଜୀ ଗୁରୁମାମାନେ ଶିଶୁମାନଙ୍କୁ ଭଲ ଉପଦେଶ ଦେବା ଦ୍ୱାରା ସେମାନଙ୍କର ଚରିତ୍ର, ଆଚରଣ ଓ ଭବିଷ୍ୟତ ଗଢି ଉଠେ । ଶିଶୁ କାଳରେ ପାଇଥିବା ଉପଦେଶ ସାରା ଜୀବନ ପଥ ପଦର୍ଶକ ହୁଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବ୍ଲକ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ, ଇସାରା ସମ୍ପାଦକ ରବୀନ୍ଦ୍ର କୁମାର



ପାତ୍ର, ଅନୁଷ୍ଠାନର ସମ୍ପାଦକ ଇପାରୀ ସିମାଞ୍ଚଳ, ସଭାପତି ଏସ ନାଗଭୂଷଣ, ନୂଆପଡା ପୂର୍ବତନ ସରପଞ୍ଚ ଏବଂ ସମାଜିକ କର୍ମୀ ହୃଷିକେଶ ନାୟକ, କେ. ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ, ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ପାଟପୁର କଲେଜ ରାସାୟନ ବିଜ୍ଞାନର ମୁଖ୍ୟ ଡ଼. କୈଳାଶ ଚନ୍ଦ୍ର ସ୍ୱାଇଁ ଓ ଅବସର ପ୍ରାପ୍ତ ଶିକ୍ଷା ଅଧିକାରୀ ନାରାୟଣ ସୁବୁଦ୍ଧି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ତରଫରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅତିଥି ମାନଙ୍କ ଦ୍ୱାରା ସଭାପତି ଏସ. ନାଗଭୂଷଣ ୭ ଜଣ ଗୁରୁଜୀ ଗୁରୁମା ଓ ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ପଣ୍ଡାଙ୍କୁ ଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିବେକାନନ୍ଦ ପଟ୍ଟନାୟକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଇପାରୀ ସିମାଞ୍ଚଳ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣା ପରେ ସ୍କର୍ପିଓ ଛାଡି ଫେରାର

ମୋହନା,୨୦।୧(ମନ୍ମଥ ମିଶ୍ର)

ଏକ ନମ୍ବର ବିହୀନ ସ୍କର୍ପିଓ ଗାଡି ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ନିକଟ ଡାହାଣୀ ନାଳଠାରେ ସ୍କର୍ପିଓଟି ଭାରସାମ୍ୟହରାଇ ରାସ୍ତାକଡକୁ ଓଲଟିପଡିଛି। ତେବେ ଘଟଣା ସ୍ଥଳରେ କୌଣସି ଯାତ୍ରୀ ନ ଥିବା ଦେଖିବାକୁ ମିଳିଛି। ନିକଟସ୍ଥ ମେଡିକାଲ କିମ୍ବା ପୋଲିସ ଫାଣ୍ଡିରେ ଏନେଇ କୌଣସି ସୂଚନା ନ ଥିବା ଫାଣ୍ଡି ଅଧିକାରୀ ସୁନୀଲ ସେଠୀ କହିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଦୁର୍ଘଟଣା ଚାଳକଙ୍କ ସମେତ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଯିବା ସମୟରେ ସେମାନେ ଗାଡ଼ିର ନମ୍ବର ପ୍ଲେଟ୍ ବାହାର କରି ନେଇଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ମୋହନା ପୋଲିସ ସେଠାରେ ପହଞ୍ଚି ସ୍କର୍ପିଓକୁ ଜବତ କରିଛି। ଗାଡ଼ି କାହାର,କେଉଁଆଡେ ଯାଇଥିଲା ଓ କିପରି ଦୁର୍ଘଟଣା ଘଟିଲା ତଦନ୍ତ ପରେ ଜଣାପଡିବ ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ବଡିବିଲ୍‌ଡିଂ ପ୍ରତିଯୋଗିତା

ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ ବଡି ବିଲଡିଂ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଜିଲା ଅଧୀନ ୮ ବ୍ଲକ ଅଞ୍ଚଳରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରି କଳା କୌଶଳ ପ୍ରଦର୍ଶନ କରିଥିଲେ। ବିଚାରକମଣ୍ଡଳୀଙ୍କ ଦ୍ୱାରା ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ରାଜ୍ୟସ୍ତରରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗୀତାକୁ ମନୋନୀତ



ପ୍ରତିଯୋଗିତାରେ ଭାଗନେଇଥିବା ବଡି ବିଲ୍ଡର ।

କରାଯାଇଥିବା ଜଣାଯାଇଛି। ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଯୁବନେତା ବିଧାନ ଚନ୍ଦ୍ର ପ୍ରଧାନ, ଖଣ୍ଡପଡ଼ା ସାମ୍ବାଦିକ ଆସୋସିଏସନ ସଭାପତି ଚିତ୍ତରଞ୍ଜନ ମିଶ୍ର, ଓଡ଼ିଶା ବଡି ବିଲଡିଂ ଆସୋସିଏଶନ ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରତିଯୋଗୀତାର ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ।

# ଦୁଇଚକିଆ ଗାଡ଼ିରେ ରିଫ୍ଲେକ୍ଟର ଷ୍ଟିକର ଲଗାଇ ଅର୍ଥ ଆଦାୟ

### ପୋଲିସ ଉପସ୍ଥିତିରେ ଷ୍ଟିକର ଲଗାଇ ୫୦ ଟଙ୍କା ନେଉଛି ନୂଆଦିଲ୍ଲୀ ସଂସ୍ଥା

ପାରଳାଖେମୁଣ୍ଡି,୨୦।୧ (ଗିରିଧାରୀ ପରିଚ୍ଛା)

ଦିନକୁ ଦିନ ରାସ୍ତାରେ ଗାଡ଼ି ଚଳାଇବା ମୁସ୍କିଲ ହୋଇପଡୁଛି। ପିୟୁସିସି, ପଲ୍ୟୁଶନ, ଇନ୍‌ସ୍ୟୁରାନ୍ସ ନାମରେ ଅଯଥା ଫାଇନକୁ ନେଇ ବିବାଦ ବଢ଼ିଚାଲିଥିବା ବେଳେ ସଡ଼କ ସୁରକ୍ଷା ନାମରେ ଏବେ ଦୁଇଚକିଆ ଗାଡ଼ିରେ ରିଫ୍ଲେକ୍ଟର ଷ୍ଟିକର ଲଗାଇ ଟଙ୍କା ଆଦାୟ କରାଯାଉଛି। ଏପରି ଏକ ଘଟଣା ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ଉପଲଡ଼ା ଲିଙ୍ଗିପୁର ଛକଠାରେ ଦେଖିବାକୁ ମିଳିଛି । ଗୁରାଣ୍ଡି ପୋଲିସ ଉପସ୍ଥିତିରେ ଦିଲ୍ଲୀରୁ ଆସିଥିବା ଏକ ଏଜେନ୍ସିର ଜଣେ ମହିଳା ଏବଂ ଜଣେ ପୁରୁଷ ଦୁଇଚକିଆ ଗାଡ଼ିର ଆଗ ଓ ପଛରେ ରିଫ୍ଲେକ୍ଟର ଷ୍ଟିକର ଲଗାଉଛନ୍ତି। ଷ୍ଟିକର ଲଗାଇବା ପରେ ୫୦ ଟଙ୍କା ଅଦାୟ କରୁଛନ୍ତି। ତେବେ ସରକାରଙ୍କ ବିନା ସୂଚନାରେ ଏପରି ଷ୍ଟିକର ଲଗାଇ ଟଙ୍କା ନେବାକୁ ନେଇ ଚାଳକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ସଡ଼କ ସୁରକ୍ଷା ନାମରେ ଯଦି ଏହି ରିଫ୍ଲେକ୍ଟର ଷ୍ଟିକର ଲଗାଯାଉଛି ତେବେ ସରକାର କାହିଁକି ଘୋଷଣା କରିନାହାନ୍ତି ବୋଲି କେତେଜଣ ଚାଳକ ପ୍ରଶ୍ନ ଉଠାଇଛନ୍ତି। ଆଉ କେତେକ ଚାଳକ କହିଛନ୍ତି, ଯେଉଁ ଷ୍ଟିକର ଖଣ୍ଡକ ଲଗାଉଛନ୍ତି ତା'ର ମୂଲ୍ୟ ୧୦ରୁ ୨୦ ଟଙ୍କା ହେବ। ଏପରି ସ୍ଥଳେ ୫୦ ଟଙ୍କା ନେବା ଗ୍ରହଣୀୟ ନୁହେଁ। ଗାଡ଼ିଚାଳକମାନେ ଯାଉଥିବା ବେଳେ ଅଧାବାଟରେ ପୋଲିସ ଅଟକାଉଛି ଏବଂ ଏମାନେ ଷ୍ଟିକର ଲଗାଇ ଟଙ୍କା ମାଗୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏହି ଷ୍ଟିକର ମାରିବା ସମୟରେ ଜଣେ ମହିଳା ନିଜକୁ ଦିଲ୍ଲୀରୁ ଆସିଥିବା କହି ଫଟୋ ଉଠାଇବା ଓ ଭିଡିଓ କରିବାକୁ ମନା କରିଥିଲେ। ଏନେଇ ଜଣେ ଗାଡି ଚାଳକଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ମେଡିକାଲ ଯାଇ ଆସୁଥିଲି ପୋଲିସ ଅଟକାଇଥିଲା ଆଉ ଷ୍ଟିକର ମରାଯାଇଥିଲା । ତୁରନ୍ତ ୫୦ ଟଙ୍କା ଦିଅ ବୋଲି କୁହାଯାଇଥିଲା। ପାଖରେ ଟଙ୍କା ନ ଥିଲା, ମୁଁ ଫୋନ ପେ' କରିଥିଲି।

ଉଲ୍ଲେଖନୀୟ ବିଷୟ, ଯେଉଁମାନେ ଅନ୍‌ଲାଇନରେ ଟଙ୍କା ଦେଉଛନ୍ତି ସେମାନଙ୍କୁ ଖଣ୍ଡେ ଖଣ୍ଡେ ରସିଦ ମିଳୁଛି। ଯେଉଁମାନେ ହାତରେ ଦେଉଥିଲେ ସେମାନଙ୍କୁ କୌଣସି ରସିଦ ମିଳୁ ନ ଥିଲା। ରଶିଦ୍‌ରେ ସରକାରୀ ଭାବେ କୌଣସି ସିଲ୍ ବା ଚିହ୍ନ ନ ଥିବା ବେଳେ କେବଳ ଟ୍ରାଫିକ୍ କଣ୍ଟ୍ରୋଲ କ୍ୟାମ୍ପ, ନ୍ୟାଶନାଲ ହାଇୱେ ରିଫ୍ଲେକ୍ଟର ସର୍ଭିସେସ୍ ଲେଖାଯାଇଛି। ଯଦି ଏହା ଜାତୀୟ ରାଜପଥ ବିଭାଗ ପକ୍ଷରୁ କରାଯାଉଥାଏ ତେବେ ଲୋକଙ୍କୁ ସଚେତନ କରିବା କଥା। ତାହା କେଉଁଠି ହେଉନାହିଁ। ଏନେଇ ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଏହି ରିଫ୍ଲେକ୍ଟର ଷ୍ଟିକର ଏକ ଘରୋଇ ସଂସ୍ଥା ବିକ୍ରି କରୁଛି, କିନ୍ତୁ ଏହା ଲଗାଇବା ପାଇଁ କେହି ବାଧ୍ୟ କରିପାରିବେ ନାହିଁ। ଏହା ନିଜ ସୁରକ୍ଷା ପାଇଁ ଲଗାଇପାରିବେ। ଷ୍ଟିକର ବାବଦକୁ ୨୦ରୁ ୩୦ ଟଙ୍କା ନେବା ପାଇଁ କୁହାଯାଇଛି। ଯଦି କେହି ଏହି ଷ୍ଟିକର ଲଗାଇବା ପାଇଁ ବାଧ କରୁଥିବା ତାଙ୍କ ଦୃଷ୍ଟିକୁ ଆସିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।



ପୋଲିସ ଉପସ୍ଥିତିରେ ଦୁଇଚକିଆ ଗାଡ଼ିରେ ରିଫ୍ଲେକ୍ଟର ଷ୍ଟିକର ଲଗାଯାଉଛି।

# କବିସୂର୍ଯ୍ୟଙ୍କ ଜନ୍ମପୀଠରୁ ଆସିବ ଜ୍ୟୋତି

ଦିଗପହଣ୍ଡି,୨୦।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବଜାର ଗାନ୍ଧୀଛକରେ ପ୍ରତିବର୍ଷ ଭଳି ଚଳିତବର୍ଷ ଆସନ୍ତା ୨୩ତାରିଖ ଶୁକ୍ଳପକ୍ଷ ଶ୍ରୀପଞ୍ଚମୀ ତିଥିରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ମହୋତ୍ସବ ପାଳନ କରାଯିବ। ଏନ୍‌ଏସି ସମ୍ମିଳନୀ କକ୍ଷରେ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଏନେଇ ଆଲୋଚନା ସଭା ହୋଇଥିଲା। ସଭାପତି ତଥା ଆଇନଜୀବୀ ଅଶେଷନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା। ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତର କବିସୂର୍ଯ୍ୟଙ୍କ ଜନ୍ମପୀଠ ବିଜୟନଗରଗଡ଼ ଗ୍ରାମରୁ କବିସୂର୍ଯ୍ୟଙ୍କ ଜ୍ୟୋତି ବିଭିନ୍ନ ଗ୍ରାମାଞ୍ଚଳ ଓ ଦିଗପହଣ୍ଡି ସହର ପରିକ୍ରମା କରିବା ପରେ ଅପରାହ୍ନରେ ମହୋତ୍ସବ ସ୍ଥଳରେ ପହଞ୍ଚିବ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦ ସମ୍ପାଦକ କୁରେଶୁ ପଣ୍ଡା ସ୍ୱାଗତ ସୂଚନା ଦେଇ ପରିଷଦର ସଦସ୍ୟ ତଥା ଓଡ଼ିଶା ମିଳିତ ନାଗରିକ ସଙ୍ଗଠନର ଆବାହକ ଡ. ବାଳକୃଷ୍ଣ ପଣ୍ଡା ସମଗ୍ର ଓଡ଼ିଆ ଜାତିର ଗୌରବ କବିସୂର୍ଯ୍ୟ ବଳଦେବ ରଥଙ୍କ ସାହିତ୍ୟ କୃତିକୁ ୟୁନେସ୍କୋ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବାରୁ ତାଙ୍କୁ ସାଧୁବାଦ ଜଣାଇଥିଲେ। ଚଳିତବର୍ଷ ମହୋତ୍ସବ ନିମନ୍ତେ ଆବଶ୍ୟକ ବ୍ୟୟବରାଦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା,ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ ପାତ୍ର, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ନାଟ୍ୟଶ୍ରୀ ପ୍ରଦୀପ ରଥ, କାଉନସିଲର ଦୀପକ ମିଶ୍ର, ଏନ୍‌ଏସି ଉପାଧ୍ୟକ୍ଷାଙ୍କ ପ୍ରତିନିଧି କେ. କୁନା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସରିଆସୁଛି ମେଳା, ବଢୁଛି ଉତ୍ସାହ


ମେଳାରେ ବିକ୍ରି ହେଉଥିବା ହାତତିଆରି ଘର କରଣା ସାମଗ୍ରୀ ।


କୁଶଭଦ୍ରା ନଦୀରେ ପଡ଼ିଥିବା ଅଳିଆ ଆବର୍ଜନା ।

## ସପ୍ତମ ଦିବସରେ ବରୁଣେଶ୍ୱର ମେଳା

**ବିଞ୍ଝାରପୁର,୨୦।୧(ରାମକୃଷ୍ଣ ଦାସ):**

ବରୁଣେଶ୍ୱର ମେଳା ମଙ୍ଗଳବାର ସପ୍ତମ ଦିବସରେ ପହଞ୍ଚିଛି । ମେଳା ସରିବାକୁ ଆଉ ୨ଦିନ ଥିବାବେଳେ ଦର୍ଶକଙ୍କ ଉତ୍ସାହ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ଦର୍ଶକଙ୍କ ସମାଗମରେ ଦୁଲୁକୁଛି ମେଳା ପଡ଼ିଆ । ଆଶାନୁରୂପଙ୍କ ଭିଡ଼ ଯୋଗୁ ବ୍ୟବସାୟ ଜମୁଛି । ଲୋକେନିଜ ପସନ୍ଦର ଘରକରଣା ଉପକରଣ କିଣୁଥିବା ଦେଖାଯାଇଛି ।

**ଘର କରଣା ସାମଗ୍ରୀ ପାଇଁ ଗୃହିଣୀଙ୍କ ଭିଡ଼**

ମେଳାରେ ମହିଳାଙ୍କ ସଂଖ୍ୟା ଅଧିକ । ବିଶେଷକରି ଘରକରଣା ସାମଗ୍ରୀ ବିକ୍ରି ଷ୍ଟଲଗୁଡ଼ିକରେ ଗୃହିଣୀଙ୍କ ଭିଡ଼ ଦେଖିବାକୁ ମିଳୁଛି । ଖଟୁଲି, ପିଢ଼ା, ବେଲଣା ଚକି, କାଠି, ରୁଟି ସେକା, ପନକି, କତା, ଦାଆ ଆଦି ମହିଳାମାନେ କିଣି ନେଉଛନ୍ତି । ଯୁବତୀମାନେ ପ୍ରସାଧନ ସାମଗ୍ରୀ ଷ୍ଟଲରେ ଭିଡ଼ ଲଗାଇବା ସହ ଗୁପଚୁପ, ଚାଟ, ଆଇସ୍କ୍ରିମର ମଜା ନେଉଛନ୍ତି ।

**ବର୍ଜ୍ୟବସ୍ତୁ ପାଇଁ ପ୍ରଦୂଷିତ ହେଲା କୁଶଭଦ୍ରା**


ମେଳା ବୁଲୁଥିବା ଦର୍ଶକ ।

ବରୁଣେଶ୍ୱର ମେଳା ଦେଖିବାକୁ ଦୈନିକ ବହୁ ଦର୍ଶକ ମେଳାପଡ଼ିଆକୁ ଆଗମନ ଫଳରେ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ନେଇ କୁଶଭଦ୍ରା ନଦୀରେ ପକାଯାଉଛି । ଫଳରେ ପୂଣ୍ୟତୋୟା କୁଶଭଦ୍ରା ନଦୀ ପ୍ରଦୂଷିତ ହୋଇପଡ଼ିଛି, ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାରେ ଆଘାତ ଲାଗିଛି । ପରିମଳ ବିଭାଗ ଏଡି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

**କମିନାହିଁ ପଥର ନିର୍ମିତ ସାମଗ୍ରୀ ଚାହିଦା**

ଏବେ ବି ଲୋକଙ୍କ ପଥର ନିର୍ମିତ ସାମଗ୍ରୀ ଉପରେ ଚାହିଦା ରହିଛି, ଯାହାକି ମେଳା ପଡ଼ିଆରେ ଫେସା, ଶିଳ, ଚକି, ପଥର ନିର୍ମିତ ମୂର୍ତ୍ତି ଷ୍ଟଲରେ ଭିଡ଼କୁ ଦେଖି ଜଣାପଡୁଛି । ମହିଳାମାନେ ଆଗ୍ରହର ସହ ଏସବୁ ସାମଗ୍ରୀ କିଣୁଛନ୍ତି ।

**ହାତବାନ୍ଧି ବସିଛନ୍ତି ହସ୍ତ ନିର୍ମିତ ସାମଗ୍ରୀ ବ୍ୟବସାୟୀ**

ବର୍ତ୍ତମାନ ଯୁଗରେ ହସ୍ତନିର୍ମିତ ସାମଗ୍ରୀ ସମ୍ପୂର୍ଣ୍ଣ ଅଲୋଡ଼ା ହୋଇ ପଡ଼ିଥିବା ଦେଖାଦେଇଛି । ପୂର୍ବରୁ ମେଳାରୁ ଲୋକେ ବାଉଁଶ କିମ୍ବା ବେତତିଆରି ଡାଲା, ଟୋକେଇ, କୁଲା, ନାଲିଆ, ଗୌଣୀ ଓ ସେର ଆଦି କିଣୁଥିଲେ । କିନ୍ତୁ ସେ ସବୁର ସ୍ଥାନ ଆଜିର ଆଧୁନିକ ଯୁଗରେ ଷ୍ଲାଷ୍ଟିକ, ଫାଇବର ନିର୍ମିତ ସାମଗ୍ରୀ ନେଇଛି । ଫଳରେ ମେଳା ପଡ଼ିଆରେ ପଡ଼ିଥିବା ୩୦ରୁ ଊର୍ଦ୍ଧ୍ୱ ବାଉଁଶ ଓ ବେତର ହସ୍ତ ନିର୍ମିତ ସାମଗ୍ରୀ ଷ୍ଟଲର ବ୍ୟବସାୟୀ ହାତବାନ୍ଧି ବସିଥିବା ଦେଖିବାକୁ ମିଳିଛି ।

**ଫୁଲ ଚାରାର ଚାହିଦା**

ମେଳା ପଡ଼ିଆରେ ଫୁଲ ଚାରାର ଚାହିଦା ରହିଛି । ଏହି ଫୁଲ ଚାରା ଷ୍ଟଲରେ ବିଭିନ୍ନ ରଙ୍ଗର ଇନ୍କା ଗେଣ୍ଡୁ, ଗୋଲାପ, ଡାଲିଆ, ସେବତୀ ଓ ସୂର୍ଯ୍ୟମୁଖି ଫୁଲ ମିଳୁଛି । ଫୁଲକୁଣ୍ଡ ପ୍ରତି ୫୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଫୁଲ କିଣିବା ପାଇଁ ଷ୍ଟଲରେ ଭିଡ଼ ଲାଗି ରହୁଛି ।

**ପାନୀୟ ଜଳ ସଙ୍କଟ**

ପାନୀୟ ଜଳ ଓ ପରିମଳ ବିଭାଗର ଅବହେଳା ପାଇଁ ମେଳାରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଫଳରେ ମେଳାକୁ ଆସୁଥିବା ଲୋକେ ପାନୀୟ ଜଳ ପାଉନାହାନ୍ତି । ବାଧ ହୋଇ ସେମାନେ ଦୋକାନରୁ ବୋତଲ ପାଣି କିଣି ପିଉଛନ୍ତି । ଖାଦ୍ୟ ଦୋକାନୀମାନେ ପାଖ ଗ୍ରାମରୁ ଡ୍ରମରେ ପାଣି ଆଣୁଥିବା ଦେଖିବାକୁ ମିଳିଛି ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କୈଳାସ


@ ମିଟୁ


@ ଶିବା


@ ସୌମ୍ୟ


@ ସୁରଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ବରୁଣେଶ୍ୱର ମେଳାରେ ବିକ୍ରି ଖାଦ୍ୟର ମାନ ଯାଞ୍ଚ

**ଯାଜପୁର,୨୦।୧ (ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାରେ ବେଶ ଧୁମଧାମରେ ଚାଲିଛି ବରୁଣେଶ୍ୱର ମେଳା ଏବଂ ଓଳାଶୁଣୀ ମେଳା । ଏହି ମେଳାରେ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି । ଖାଦ୍ୟ ଷ୍ଟଲଗୁଡିକରେ ଭିଡ଼ ଜମୁଛି । ତେଣୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମେଳାରେ ବିକ୍ରି ହେଉଥିବା ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛତା ଯାଞ୍ଚ କରାଯାଇଛି । ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ତିନି ଦିନ ୧୭, ୧୮ ଓ ୨୦ ତାରିଖରେ ବରୁଣେଶ୍ୱର ମେଳାର ବିଭିନ୍ନ ଖାଦ୍ୟ, ଫାଷ୍ଟଫୁଡ ଷ୍ଟଲଗୁଡିକରେ ଯାଞ୍ଚ କରାଯାଇଛି । ମେଳାରେ ବିକ୍ରି ହେଉଥିବା ପ୍ରାୟ ୧୭ କିଲୋ ବାସୀଖାଦ୍ୟକୁ ନଷ୍ଟ କରାଯାଇଛି । ସେହିପରି ଓଳାଶୁଣୀ ମେଳାରେ ମଧ ସୋମବାର ଖାଦ୍ୟର ଗୁଣାତ୍ମକ ମାନ ନିରୀକ୍ଷଣ କରାଯାଇଛି । ଏହାସହ ଖାଦ୍ୟ ସୁରକ୍ଷା ଅଧିନିୟମ ଅଧୀନରେ ଯେଉଁ ଦୋକାନୀଙ୍କ ଲାଇସେନ୍ସ ନାହିଁ, ସେମାନଙ୍କୁ ନୋଟିସ ଜାରି କରାଯାଇଛି । ମେଳାରେ ଯେପରି ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ବିକ୍ରି ହେବ ଏବଂ ଲୋକେ ଠିକ ମାନର ଖାଦ୍ୟ ପାଇବେ, ସେ ଉପରେ ଧ୍ୟାନ ଦିଆଯାଇ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଏହାସହ ଉତ୍ତମ ମାନର ଖାଦ୍ୟ ବିକ୍ରି କରିବା ପାଇଁ ଦୋକାନୀଙ୍କୁ ସଚେତନ କରାଯାଇଛି ।


ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି ।

# ଶିଶୁପୁତ୍ରଙ୍କ ହାତ, ବେକ କାମୁଡ଼ି କ୍ଷତାକ୍ତ କଲେ ମା’

**ଯାଜପୁରରୋଡ୍,୨୦।୧ (ପବିତ୍ର ରଞ୍ଜନ ମହାନ୍ତି):**

ଜଣେ ମା’ ନିଜ ଶିଶୁପୁତ୍ରଙ୍କ ବେକ ଓ ହାତ ଆଙ୍ଗୁଠି କାମୁଡ଼ି କ୍ଷତାକ୍ତ କରିଛନ୍ତି । ବ୍ୟାସନଗର ପୌର ପରିଷଦ ୮ନଂ. ୱାର୍ଡ ହୁଡ଼ିସାହି ଆଦିବାସୀ ବସ୍ତିରେ ସୋମବାର ଏହି ଘଟଣା ଘଟିଛି । ବସ୍ତିର ସଞ୍ଜୟ ପାତ୍ରଙ୍କ ସ୍ତ୍ରୀ ଟିଙ୍କିନା ପାତ୍ର ନିଶାସକ୍ତ ଅବସ୍ଥାରେ ତାଙ୍କ ଶିଶୁପୁତ୍ର କ୍ରିଷ୍ଣାଙ୍କୁ କାମୁଡ଼ି ରକ୍ତାକ୍ତ କରିବାରୁ ଶିଶୁପୁତ୍ର ଖୁବଜୋରରେ କାନ୍ଦିଥିଲେ । କାନ୍ଦଶୁଣି ଘର ନିକଟରେ ରହୁଥିବା ଶିଶୁପୁତ୍ରଙ୍କ ଜେଜେମା ସୁଶୀଳା ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଘଟଣା ପରେ ମା’ ଟିଙ୍କିନା ଫେରାର ହୋଇଯାଇଥିଲେ । ଶିଶୁପୁତ୍ରଙ୍କ ଜେଜେମା ଏନେଇ ଯାଜପୁରରୋଡ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଅବଗତ କରିଛି । ମଙ୍ଗଳବାର ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ପହଞ୍ଚି ଶିଶୁପୁତ୍ରଙ୍କୁ ନିଜ ହେପାଜତକୁ ନେଇଛନ୍ତି । ଏଭଳି ଘଟଣା ଟିଙ୍କିନା ପୂର୍ବରୁ ମଧ ଘଟାଇଥିବା ତାଙ୍କ ଶାଶୁ ସୁଶୀଳା କହିଛନ୍ତି । ଟିଙ୍କିନା ତାଙ୍କ ୫ ବର୍ଷର ବଡ଼ପୁଅକଙ୍କୁ ପୂର୍ବରୁ ମାରପିଟ କରୁଥିବା ଅଭିଯୋଗ ହୋଇଥିଲା ବୋଲି ଥାନାଧିକାରୀ ଆଶିଷ ସାହୁ କହିଛନ୍ତି । ସୂଚନା ମୁତାବକ, ସଞ୍ଜୟ ଟିଙ୍କିନାଙ୍କୁ ଛାଡ଼ି ଅନ୍ୟ ଜଣେ ମହିଳାଙ୍କ ସହ ଅନ୍ୟତ୍ର ରହୁଛନ୍ତି । ଟିଙ୍କିନା ଏକୁଟିଆ ୨ ପୁତ୍ରଙ୍କୁ ନେଇ ଅଭାବରେ ଚଳୁଥିଲେ । ତେଣୁ ଟିଙ୍କିନା ହାଣ୍ଡିଆ ନିଶାରେ ପ୍ରାୟ ତାଙ୍କ ୨ ପୁଅଙ୍କୁ ବିନା କାରଣରେ ବାଡେଇ ଖଣ୍ଡିଆ ଖବରା କରିଥାନ୍ତି । ସବୁଥର ତାଙ୍କ ଶାଶୁ ୨ ଶିଶୁଙ୍କୁ ଉଦ୍ଧାର କରନ୍ତି । ଅନ୍ୟପକ୍ଷରେ ଟିଙ୍କିନା ସବୁବେଳେ ଏଭଳି ହରକତ କରନ୍ତି ଆଉ ବିରୋଧ କଲେ ସେ ଝଗଡ଼ା କରନ୍ତି ବୋଲି ପଡ଼ୋଶୀ କହିଛନ୍ତି ।

## ୨୫ରେ ସିଂହପୁରରେ ହିନ୍ଦୁ ସମ୍ମିଳନୀ

**ସିଂହପୁର,୨୦।୧(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ କାକୁଡ଼ି ପଡ଼ିଆଠାରେ ଆସନ୍ତା ୨୫ ତାରିଖରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ । ବିଞ୍ଝାରପୁର ମଣ୍ଡଳ ସମଗ୍ର ହିନ୍ଦୁ ସମାଜ ତରଫରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ସମ୍ମିଳନୀରେ କଳସ ଯାତ୍ରା, ଯଜ୍ଞ, ବୌଦ୍ଧିକ କାର୍ଯ୍ୟକ୍ରମ ଓ ପ୍ରସାଦ ବ୍ୟବସ୍ଥା ରହିଛି । ଏଥିରେ ବହୁ ବ୍ୟକ୍ତି ଯୋଗଦେବେ ଆୟୋଜକ ସୂଚନା ଦେଇଛନ୍ତି ।

# ଠିକାଦାର ସଂଘ ବୈଠକରେ ସମସ୍ୟା ଆଲୋଚନା

**ଯାଜପୁରଟାଉନ,୨୦।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ଠିକାଦାର ସଂଘ ପକ୍ଷରୁ ମଙ୍ଗଳବାର ବିରଜା କଲ୍ୟାଣ ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସଞ୍ଜୀବ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାର ସମସ୍ତ ଠିକାଦାର ଯୋଗଦେଇ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ସଭାପତିଙ୍କ କହିବାନୁସାରେ, ସରକାର ଠିକାଦାରଙ୍କ ଚଳିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରୁନାହାନ୍ତି । ବିଭିନ୍ନ ଆଇନ ପ୍ରଣୟନ କରୁଛନ୍ତ । ଫଳରେ ଠିକାଦାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଗତ ସରକାର ସମୟରେ ସର୍ବାଧିକ ୧୪.୯୯ ଲେସ୍‌ରେ ଠିକାଦାର କାମ କରିପାରୁଥିଲେ । କିନ୍ତୁ ବର୍ତ୍ତମାନ ସରକାର ଏହି ଲେସ୍‌କୁ ଉଚ୍ଛେଦ କରିଛନ୍ତି । ପୁରୁଣା ସିଡ୍ୟୁଲରେ ଯେଉଁ ଠିକାଦାର ଟେଣ୍ଡର ୨୦ରୁ୪୦ ପ୍ରତିଶତ ପକାଇବେ ସେଥିରେ କାମର ମାନ ଯେତିକି ହେବା କଥା ତାହା ହୋଇପାରିବ ନାହିଁ । ସରକାର ଭୁଲ ନିଷ୍ପତ୍ତି ନେଇଛନ୍ତି ବୋଲି ଠିକାଦାରମାନେ ଅଭିଯୋଗ କରିଛନ୍ତି । କାର୍ଯ୍ୟର ଗୁଣବତ୍ତା ରଖିବା ପାଇଁ ସରକାର ରେଟ୍ ଦେବାର ବ୍ୟବସ୍ଥା କରାଯାଉ ବୋଲି ମତପ୍ରକାଶ ପାଇଛି । ଆଗାମୀ ଦିନରେ ସରକାର ଯଦି ସିଡ୍ୟୁଲ ରେଟର ପରିବର୍ତ୍ତନ ନ କରନ୍ତି ତେବେ କାର୍ଯ୍ୟ ବନ୍ଦ କରିବା ସହିତ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଠିକାଦାର ରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ସଦସ୍ୟମାନେ ଚେତାବନୀ ଦେଇଛନ୍ତି । ବୈଠକରେ ରାଜ୍ୟ ଠିକାଦାର ସଂଘ ସଭାପତି ଅନିଲ ମହାଲିକ୍, ହେମାବତୀ ନନ୍ଦନ ଚକ୍ରବର୍ତ୍ତୀ, ଦିଲୀପ ଜେନା, ରମାକାନ୍ତ ଜେନା, ତାରିଣୀ ପ୍ରସାଦ ଦାସ, ସଞ୍ଜୟ ମିଶ୍ର, ଉମାକାନ୍ତ ସାମନ୍ତରାୟ, ଜିଲା ଠିକାଦାର ସଂଘର ସଭାପତି ସଞ୍ଜିବ ପରିଡ଼ା, ଦିଲୀପ ଜେନା, କେଦାର ରାଉତ, ନିହାର ମାନ୍ଧାତା, ପ୍ରଶାନ୍ତ ଦାସ, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଯୋଗଦେଇଥିବା ଠିକାଦାରମାନେ ।

# ଚାନ୍ଦା ଆଦାୟ, ଆକ୍ରମଣ ଅଭିଯୋଗରେ ୪ ଗିରଫ

**ପାଣିକୋଇଲି,୨୦।୧ (ବିକାଶ ଚନ୍ଦ୍ର ମଲ୍ଲିକ):**

ବେଆଇନ ଚାନ୍ଦା ଆଦାୟ ଓ ଆକ୍ରମଣ ଅଭିଯୋଗରେ ପାଣିକୋଇଲି ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଅନିରୁଦ୍ଧ ବାରିକ (୪୦), ଅଞ୍ଜନ ଦାସ (୩୩), ପ୍ରେମାନନ୍ଦ ବାରିକ(୩୮) ଓ ତାପସ କୁମାର ଦାସ (୨୮) । ସଠିପୁର ସାନବରୁଣେଇପଦାସ୍ଥିତ ବାବା ଚନ୍ଦ୍ରଶେଖର ରାଇସ ମିଲକୁ ଉପରୋକ୍ତ ଅଭିଯୁକ୍ତମାନେ ମଙ୍ଗଳବାର ଅପରାହ୍ନରେ ଚାନ୍ଦା ଆଦାୟ ଲାଗି ଯାଇଥିଲେ । କୌଣସି କାରଣକୁ ନେଇ ମିଲର କର୍ମଚାରୀଙ୍କ ସହିତ ତାଙ୍କର ବଚସା ହୋଇଥିଲା । ଏହାପରେ ସେମାନେ ମିଲର କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଏନେଇ ମିଲ୍ ପରିଚାଳକ ଚିତ୍ତରଞ୍ଜନ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ନଂ.୧୫/୨୬ ରୁଜୁ କରି ତଦନ୍ତଆରମ୍ଭ କରିଥିଲା ବୋଲି ତଦନ୍ତକାରୀ ଅଧିକାରୀ ଶରତ ଚନ୍ଦ୍ର ବେହେରା ସୂଚନା ପ୍ରଦାନ କରିଛନ୍ତି ।

# ବଡ଼ଚଣା ପଞ୍ଚାୟତ ସମିତିସ୍ତରୀୟ ସମୀକ୍ଷା


ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟମାନେ ।

**ଚଣ୍ଡିଖୋଲ,୨୦।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ନିର୍ବାଚନମଣ୍ଡଳୀର ପଞ୍ଚାୟତ ସମିତିସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଚଣ୍ଡିଖୋଲସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ୧୬ ଓ ୧୭ ନମ୍ବର ଜିଲାପରିଷଦ ଜୋନର ସମସ୍ତ ପଞ୍ଚାୟତ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଅତିରିକ୍ତ ଜିଲାପାଳ ତପନ କୁମାର ଦୋରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଦର୍ପଣ ତହସିଲର ମାନସ କୁମାର ତ୍ରିପାଠୀ, ଚଣ୍ଡିଖୋଲ ଜଳସେଚନ ବିଭାଗ ଉପଖଣ୍ଡ ସହକକରୀ ନିର୍ବାହୀଯନ୍ତ୍ରୀ ଭାଗବତ ବେହେରା, ଡ୍ରେନେଜ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, ଜଙ୍ଗଲ ବିଭାଗ, ପାନୀୟଜଳ ଓ ପରିମଳ ବିଭାଗ ସହ ଅନ୍ୟ ସମସ୍ତ ବିଭାଗ ଅଧିକାରୀ ଯୋଗଦେଇଥିଲେ । ବ୍ଲକ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ନାୟକ, ସରପଞ୍ଚ ରଞ୍ଜନ ଦାଶ, ବିଶ୍ୱବିଜୟୀ ବ୍ରହ୍ମ, ବେଣୁଧର ବିଶ୍ୱାଳ, ସମୀର ରାଉତ, ନବଦ୍ୱୀପ ନାୟକ, ଯଯାତି କେଶରୀ ରାଉତ ଓ ନମିତା ରାଉତଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ଭିତରକନିକାରେ ବଢ଼ିଲେ ୧,୧୪୮ ବିଦେଶୀପକ୍ଷୀ

ରାଜନଗର, ୨୦।୧
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୧୮ ତାରିଖରେ ବନ ବିଭାଗ ପକ୍ଷରୁ ହୋଇଥିବା ଗଣନା ରିପୋର୍ଟ ମଙ୍ଗଳବାର ପ୍ରକାଶ ପାଇଛି। ଗତବର୍ଷ ଭିତରକନିକାରେ ୧,୫୧,୬୧୪ଟି ପକ୍ଷୀ ଆସିଥିବବେଳେ ଚଳିତବର୍ଷ ଭିତରକନିକାକୁ ୧,୫୨,୭୬୨କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ଭିତରକନିକାକୁ ୧୧୪୮ ପକ୍ଷୀ ଅଧିକ ଆସିଥିବା ଜଣାପଡ଼ିଛି। ଭିତରକନିକାରେ ଗତ ୪ ବର୍ଷ ହେଲା ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ପ୍ରଜାତି ସଂଖ୍ୟା କ୍ରମାଗତ ଭାବେ କମିବାରେ ଲାଗିଛି। ୨୦୨୩ ମସିହାରେ ୧୩୯ ପ୍ରଜାତିର ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବା ବେଳେ ୨୦୨୪ ମସିହାରେ ୧୨୧ ପ୍ରଜାତିର , ୨୦୨୫ରେ ୧୧୮ ପ୍ରଜାତିର ଓ ଚଳିତବର୍ଷ ୧୦୬ ପ୍ରଜାତିର

## କ୍ରମାଗତ କମୁଛି ପକ୍ଷୀଙ୍କ ପ୍ରଜାତି

ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବା ଗଣନା ରିପୋର୍ଟରୁ ଜଣାପଡିଛି। ଚଳିତବର୍ଷ ଭିତରକନିକାରେ ଗ୍ରେଟ୍ ବିଟର୍ନ ଜାତୀୟ ପକ୍ଷୀଙ୍କୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି। ଗହୀରମଥା ଅଞ୍ଚଳରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଚଳିତବର୍ଷ ଭିତରକନିକାରେ କମନସେଲ ଡକ, କମନ ଟିଲ, ଆବୋସେଟ ଓ ଗଡୱିକ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗଡୱିକ ଜାତୀୟ ପକ୍ଷୀ ଅନ୍ୟ ସ୍ଥାନରେ କମ୍ ଦେଖାଯାଉଥିବା ବେଳେ ଭିତରକନିକାରେ ଅଧିକ ରହିଛି। ଏହାବାଦେ ଭିତରକନିକାରେ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ ଦେଖିବାକୁ ମିଳିଛି। ଚଳିତ ବର୍ଷ ଗ୍ରେବସ ଗୋଟିଏ ପ୍ରଜାତିର ୨୫୯ ଟି, କରମୋରାନ୍ଟସ ଆଣ୍ଡ ଡାର୍ଟର ଜାତୀୟ ୪ ପ୍ରଜାତିର ୬,୧୨୧, ହେରନଓ ଓ ଇଗ୍ରେଟ୍ସ ଜାତୀୟ ୧୪ ପ୍ରଜାତିର ୧୩,୧୮୩, ଷ୍ଟୋର୍କସ ଜାତୀୟ ୪ ପ୍ରଜାତିର ୩୫୩୩, ଇବିସେସ ଏବଂ ସ୍ପୁନବିଲ ଜାତୀୟ ୨ ପ୍ରଜାତିର ୧୯୭୨, ଗିଜ ଏବଂ ଡକସ ଜାତୀୟ ୧୪ ପ୍ରଜାତିର ୯୩,୮୨୧, ରେଲସ, ଗାଲିନଲସ ଏବଂ କୁଟ ଜାତୀୟ ୬ ପ୍ରଜାତିର ୨୨୯୬, ଫିନଫୁଟ ଏବଂ ଜାକାନାସ ୨ ପ୍ରଜାତିର ୭୨୪, ସୋରବାର୍ଡ ୱାଡର୍ସ ଜାତୀୟ ୨୬ ପ୍ରଜାତିର ୯୦୯୩, ଗଲ୍ସ, ଟରନ୍ସ ଏବଂ ସ୍କିମରସ ଜାତୀୟ ୯ ପ୍ରଜାତିର ୧୭,୬୪୩ ଏବଂ ଅନ୍ୟାନ୍ୟ ୨୪ ପ୍ରଜାତିର ବିଦେଶୀ ପକ୍ଷୀ ୪୦୦୨ ଗଣନା ବେଳେ ଚିହ୍ନଟ କରାଯାଇଛି। ଏହି ପକ୍ଷୀଗୁଡ଼ିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶ, ଲଦାଖ, ସାଇବେରିଆ, ଚୀନ, ରୁଷିଆ, ଉତ୍ତର ଗୋଲାର୍ଦ୍ଧରୁ ଆସିଥାନ୍ତି। ଶୀତ ପରେ ପୁଣି ସେମାନେ ସେମାନଙ୍କ ଦେଶକୁ ଫେରିଯାଇଥାନ୍ତି। ପୂର୍ବରୁ ଆସିଥିବା ପକ୍ଷୀ ଅଧିକାଂଶ ସମୟରେ ପୁନର୍ବାର ସେହି ସ୍ଥାନକୁ ଆସିଥାନ୍ତି।



୧୮ଟି ଟିମ୍ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲ୍ଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମି, ଜମ୍ବୁ, ବଡିଘର, ବରୁଣେଇ ମୁହାଣ, ପ୍ରହରାଜପୁର, କଂସାରିପାଟିଆ, ଖୋଲା, ନଳିତାପାଟିଆ, ଦୁର୍ଗାପୁରମୁହାଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଭଞ୍ଜଡିଆଁ, ମଗରକନ୍ଦା, ଚିଂଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ଼ ପ୍ରଭୃତି ସ୍ଥାନରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ସାଧାରଣତଃ ଖୋଲା ଜାଗା, ଧାନବିଲ, ନଦୀପଠା ଓ ଜଳାଶୟଗୁଡ଼ିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୦ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ସାତଭାୟା, ଗହୀରମଥାର ଚଟକା ଓ ଶାସନପେଟା ଫରେଷ୍ଟ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ କୈଳାସ



@ ମିଟୁ



@ ଶିବା



@ ସୌମ୍ୟ



@ ସୁରଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବକ୍ତୃତା ପ୍ରତିଯୋଗିତା ପୂର୍ବରୁ ହୋ ହାଲ୍ଲା, ପ୍ରସଙ୍ଗ ବଦଳିଲା

## ସାଧାରଣତନ୍ତ୍ର ଦିବସ ନେଇ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ଜଗତ୍‌ସିଂହପୁର, ୨୦।୧
(ପ୍ରମୋଦ କୁମାର ନାୟକ):



ପୁରୋହିତପୁର ବିଦ୍ୟାଳୟ ପରିସରରେ ପ୍ରତିକ୍ରିୟାଶୀଳ ଅଭିଭାବକମାନେ।

ପ୍ରତିବର୍ଷ ପରି ଚଳିତବର୍ଷ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟସ୍ତରୀୟ ବକ୍ତୃତା (ଓଡ଼ିଆ, ଇଂଲିଶ୍), ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଇଂଲିଶ୍ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର ପ୍ରସଙ୍ଗକୁ ନେଇ ମଙ୍ଗଳବାର ସ୍ଥାନୀୟ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ପରିସରରେ ହୋ ହାଲ୍ଲା ହୋଇଥିଲା। ଏପରି କି ଅଭିଭାବକମାନେ ପ୍ରତିଯୋଗିତା କରାଇ ଦେଇ ନ ଥିଲେ। ଫଳରେ ପାଖାପାଖି ୧ ଘଣ୍ଟା ପର୍ଯ୍ୟନ୍ତ ପ୍ରତିଯୋଗିତା ଅଟକି ଯାଇଥିଲା। ଶେଷରେ ଅଭିଭାବକମାନଙ୍କ ଦାବି ଅନୁଯାୟୀ, ପ୍ରତିଯୋଗିତାର ପ୍ରସଙ୍ଗ ବଦଳାଯିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ କେତେଜଣ ଅଭିଭାବକ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଜିଲାସ୍ତରୀୟ ଓଡ଼ିଆ ଓ ଇଂଲିଶ୍ ବକ୍ତୃତା ପ୍ରତିଯୋଗିତା ପୂର୍ବାହ୍ନ ୧୦ଟାରେ ହେବା ପାଇଁ ସ୍ଥିର ହୋଇଥିଲା। ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ପ୍ରସଙ୍ଗ 'ବିଙ୍ଗ ଏ ଗୁଡ୍ ଷ୍ଟୁଡେଣ୍ଟ ଇଜ୍ ମାଇଁ ଡ୍ୟୁଟି' ଘୋଷଣା କରାଯାଇଥିଲା। ସେହିପରି ଓଡ଼ିଆ ବକ୍ତୃତା ପ୍ରତିଯୋଗିତ ପୂର୍ବରୁ 'ଉତ୍ତମ ଚରିତ୍ର ଗଠନରେ ବିଦ୍ୟାଳୟର ଭୂମିକା ଶୀର୍ଷକ' ପ୍ରସଙ୍ଗ ଘୋଷଣା ହୋଇଥିଲା। ସାଧାରଣତନ୍ତ୍ର ଦିବସରେ ଏସବୁ ପ୍ରସଙ୍ଗର ପ୍ରାସଙ୍ଗିକତା କ'ଣ ତାହା ଅନେକଙ୍କୁ ବିସ୍ମିତ କରିଥିଲା। ବିଶେଷକରି ଏତେ ଛୋଟ ପିଲାଙ୍କୁ ଉପରୋକ୍ତ ପ୍ରସଙ୍ଗରେ ଭାଷଣ ଦେବା ଆଦୌ ସମ୍ଭବ ହେଉ ନ ଥିବାରୁ ଅଭିଭାବକମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଛୋଟ ପିଲାମାନେ ପ୍ରତିବର୍ଷ ପରି ଚଳିତବର୍ଷ ସାଧାରଣତନ୍ତ୍ର ଦିବସକୁ ଲିଙ୍କ୍ କରି ଭାଷଣ ମୁଖସ୍ଥ କରି ବିଦ୍ୟାଳୟସ୍ତରୀୟ, କ୍ଲଷ୍ଟରସ୍ତରୀୟ, ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପରିବେଷଣ କରିଛନ୍ତି। ଅନୁରୂପ ଭାବେ ଜିଲାସ୍ତରୀୟ ପ୍ରତିଯୋଗିତାର ପ୍ରସଙ୍ଗ ମଧ ହେବା କଥା। କିନ୍ତୁ ଚଳିତବର୍ଷ ଯେଉଁ ପ୍ରସଙ୍ଗ ଦିଆଯାଇଥିଲା ତାହା ଉପରେ ବଡ଼ ପିଲା ମଧ ଏତେ କମ୍ ସମୟ ଭିତରେ କହିବା କଷ୍ଟକର। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ମହାନ୍ତି ପ୍ରସଙ୍ଗ ସ୍ଥିର କରି କୋମଳମତୀ ପିଲାମାନଙ୍କ ସହ ଖେଳିବା ଯନ୍ତ୍ରଣାଦାୟକ କଥା ବୋଲି କହିଥିଲେ। ଏହାଛଡ଼ା କ୍ଲଷ୍ଟରସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ଅନୁସାରେ ପ୍ରତିଯୋଗିତା ହେଉନାହିଁ। ଧାର୍ଯ୍ୟ ସମୟରୁ ଅନ୍ୟୁନ ୧ ଘଣ୍ଟା ପୂର୍ବରୁ ପ୍ରସଙ୍ଗ ଦିଆଯିବା କଥା, ଯାହା ଆଦୌ କରାଯାଉନାହିଁ। ଏହି ଯୁକ୍ତି କରି ଅଭିଭାବକମାନେ ପ୍ରତିଯୋଗିତା ବନ୍ଦ କରିଦେବାକୁ ବାଧ ହୋଇଥିବା କୁହାଯାଇଛି। ଏହା ଉପରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମହାନ୍ତିଙ୍କୁ ପଚାରିବାରୁ କ'ଣ ହୋଇଛି ସେ କିଛି ଜାଣନ୍ତି ନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କହିପାରିବେ କହି ପ୍ରସଙ୍ଗରୁ ଏଡ଼ାଇ ଯାଇଥିଲେ। ଜିଲା ଶିକ୍ଷା ଅଧିକାରୀ (ଡିଇଓ) କେଶବ ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ୟା କଥା ଶୁଣି ସେ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ଯାଇଥିଲେ। ସେଠାରେ ଅଧିକାଂଶ ଅଭିଭାବକ ଯଦି ପ୍ରତିବାଦ କରନ୍ତି, ତେବେ ପ୍ରସଙ୍ଗ ବଦଳାଇ ଦେବାକୁ ବିଚାରକମାନଙ୍କୁ କହି ଚାଲି ଯାଇଥିବା ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, ଗତବର୍ଷ ସ୍ୱାଧୀନତା ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାରେ ମଧ ପ୍ରଥମ ଦିନରୁ ବିଶୃଙ୍ଖଳା ଦେଖାଦେଇଥିଲା। ଏନେଇ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଥିଲା। ଏପରି କି ଚୟନ ପ୍ରକ୍ରିୟାରେ ତ୍ରୁଟି ଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଥିଲା।

# ପାଳଗଦା ନିଆଁରେ ପୋଡ଼ିଗଲେ ମହିଳା

ପାରାଦୀପ, ୨୦।୧
(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ପିପ୍ପଳ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ପଛପଟେ ରୋଷେଇ କଲାବେଳେ ନିଆଁ ଲାଗି ପ୍ରଥମେ ପାଳଗଦା ଓ ପରେ ରୋଷେଇ ଘର ପୋଡ଼ି ଯାଇଥିଲା। ଏଥିରେ ଜଣେ ମହିଳା ଜୀବନ୍ତଦଗ୍ଧ ହୋଇ ଯାଇଛନ୍ତି। ସେ ହେଲେ ରିନୀ କୁମାରୀ ଦଳାଇ (୨୫)। ଖବରପାଇ କୁଜଙ୍ଗ ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପରେ ଲକ୍‌ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ରିନୀଙ୍କ ୭ ମାସର ଶିଶୁପୁତ୍ର ଓ ରୋଗାକ୍ରାନ୍ତ ଶ୍ୱଶୁର କୌଣସିମତେ ଅଗ୍ନିକାଣ୍ଡରୁ ରକ୍ଷାପାଇଛନ୍ତି। ତାଙ୍କ ଶାଶୁ କର୍କଟ ରୋଗର ଆକ୍ରାନ୍ତ ଥିବାରୁ କଟକରେ ଚିକିତ୍ସାଧୀନ ରହିଛନ୍ତି। ସେଠାରେ ସ୍ୱାମୀ ନଣନ୍ଦ ଅଛନ୍ତି। ଏପରି ସମୟରେ ଅଗ୍ନିକାଣ୍ଡ ଯୋଗୁ ଘରର ବୋହୂ ଦଗ୍ଧ ହେବା ଘଟଣା ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି।

# ବିଧାୟକ ଅରବିନ୍ଦ ମହାପାତ୍ର ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି

କେନ୍ଦ୍ରାପଡ଼ା, ୨୦।୧ (ଜଗନ୍ନାଥ ଧଳ):

## ପାଟକୁରା ବିଜେଡିର ଖବରଦାତା ସମ୍ମିଳନୀ

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିଜେଡିରୁ ନିଲମ୍ବନ ପରେ କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ଅରବିନ୍ଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ କେତେଜଣ କର୍ମୀ ଓ କର୍ମକର୍ତ୍ତା ନିର୍ବାଚନମଣ୍ଡଳୀ ଚାନ୍ଦୋଳ ଏବଂ ଗରଦପୁରରେ ଖବରଦାତା ସମ୍ମିଳନୀ କରିଥିବାବେଳେ ଅନ୍ୟ କେତେଜଣ କର୍ମୀ ଓ କର୍ମକର୍ତ୍ତା ବିଜେଡି ନିଲମ୍ବନ ଯଥାର୍ଥ ବୋଲି ମଙ୍ଗଳବାର ଖବରଦାତା ସମ୍ମିଳନୀ କରି କହିଛନ୍ତି।

କେନ୍ଦ୍ରାପଡ଼ା ସହରର ତିନିମୁହାଣୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବିଜେଡି ଜିଲା ସଭାପତି ଶିବ ପ୍ରସାଦ ଭଳ, ଜିଲା ଯୁବ ସଭାପତି ରାଜେଶ ଦାସ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ଜୋନ ସଭ୍ୟ ପ୍ରମୋଦ ରଥ, ଏଲିଜା ସ୍ୱାଇଁ, ଧନେଶ୍ୱର ସେଠୀ, ଅରବିନ୍ଦ ମଲ୍ଲିକ, ସତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ପାଟକୁରା ବିଧାୟକ ମହାପାତ୍ର ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି କହିଛନ୍ତି। ସେମାନେ କହିଛନ୍ତି, ଦଳୀୟ ଶୃଙ୍ଖଳା ମଧ୍ୟରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି। ଗତ ଦେଢ଼ ବର୍ଷ ମଧ୍ୟରେ ତାଙ୍କର କାର୍ଯ୍ୟ ଦଳ ବିରୋଧୀ ରହିଛି। ଦଳୀୟ ସଙ୍ଗଠନକୁ ଗୁରୁତ୍ୱ ଦେବା ଅପେକ୍ଷା ନିଜସ୍ୱ ସଙ୍ଗଠନ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଉପେକ୍ଷା କରି ବିଭିନ୍ନ ଉନ୍ନୟନ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ ଏହି ନିର୍ବାଚନମଣ୍ଡଳୀର ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ନିଜ ଅକ୍ତିଆରକୁ ନେଇ ନିଜ ଲୋକଙ୍କୁ କାମ କରିବାକୁ ଦେଇଛନ୍ତି। ଏହାବ୍ୟତୀତ ଦଳର ସାଙ୍ଗଠାନିକ କାର୍ଯ୍ୟରେ ମଧ ନିଜର ଓ ବାପା ବିଜୟ ମହାପାତ୍ରଙ୍କ ଛାପ ରଖିବା ପାଇଁ ସର୍ବଦା ପ୍ରୋତ୍ସାହିତ କରିଛନ୍ତି। ଏହା ନିର୍ବାଚନ ସମୟରେ ମଧ ଦେଖିବାକୁ ମିଳିଥିଲା। ଯାହାଫଳରେ ବିଜେଡିର ଏମ୍‌ପି ପ୍ରାର୍ଥୀଙ୍କୁ ହାରିବାକୁ ପଡିଥିଲା। ସେବେଠାରୁ ତୃଣମୂଳସ୍ତରରେ ଥିବା କର୍ମୀ ଓ କର୍ମକର୍ତ୍ତାଙ୍କୁ ନଜର ଅନ୍ଦାଜ କରି ଚାଲିଛନ୍ତି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଯୁବ ନେତା ଭାବେ ଅରବିନ୍ଦଙ୍କୁ ବାଛିଥିଲେ। ରାଜ୍ୟ ସଭାପତିଙ୍କ ଏହି ଆଗ୍ରହକୁ ପାଟକୁରାବାସୀ ସମ୍ମାନ କରି ତାଙ୍କୁ ଭୋଟ ଦେଇଥିଲେ। ମାତ୍ର ସେ ଦଳ ମଧ୍ୟରେ ରହି ବିଶ୍ୱାସଘାତକର ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟ ସଭାପତି ପଟ୍ଟନାୟକଙ୍କ ନିଷ୍ପତ୍ତି ଯଥାର୍ଥ ବୋଲି ସେମାନେ ଏହି ସମ୍ମିଳନୀରେ କହିଛନ୍ତି।




କେନ୍ଦ୍ରାପଡ଼ାଠାରେ ଖବରଦାତା ସମ୍ମିଳନୀରେ ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି ନେତାମାନେ।

# ନିଷ୍ପତ୍ତି ବଦଳା, ନଚେତ୍ ଆମେ ବଦଳିଯିବୁ

## ବିଧାୟକଙ୍କୁ ଦଳରୁ ନିଲମ୍ବନ ଉପରେ ବିଜେଡି କର୍ମୀଙ୍କ ଖବରଦାତା ସମ୍ମିଳନୀ

ପାଟକୁରା,୨୦।୧(ରବୀନ୍ଦ୍ର ନାଥ ବାରିକ)



ଗରଦପୁରଠାରେ ଖବରଦାତା ସମ୍ମିଳନୀରେ ବିଜେଡିର ନେତୃ ସ୍ଥାନୀୟ ବ୍ୟକ୍ତିଗଣ।

ଗରଦପୁର ବ୍ଲକ ଅଧୀନ କଳାବୁଦା ଲକ୍ଷ୍ମୀମଣ୍ଡପରେ ମଙ୍ଗଳବାର ଗରଦପୁର ଓ ମାର୍ଶାଘାଇ ବ୍ଲକ ବିଜେଡି ସମର୍ଥିତ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଓ ୨୫ ପଞ୍ଚାୟତର କର୍ମୀ ମିଳିତ ଭାବେ ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ ମହାରାଜଙ୍କ ଅଧ୍ୟକ୍ଷତାରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନର ପ୍ରତିବାଦରେ ଖବରଦାତା ସମ୍ମିଳନୀ କରିଥିଲେ। କର୍ମୀମାନେ ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କରିଛନ୍ତି। ଏହା ନ ହେଲେ ସେମାନେ ସମସ୍ତେ ବଦଳି ଯିବେ ଓ ବିଧାୟକଙ୍କ ସହିତ ରହିବେ ବୋଲି କହିଛନ୍ତି। ସମ୍ମିଳନୀରେ ସମସ୍ତେ ଏକ ସ୍ୱରରେ କହିଥିଲେ, ଚକ୍ରାନ୍ତକାରୀଙ୍କ ପ୍ରରୋଚନାରେ ସଭାପତି ପଟ୍ଟନାୟକ ଏଭଳି ଭୁଲ୍ ନିଷ୍ପତ୍ତି ନେଇଛନ୍ତି। ବିଧାୟକ ମହାପାତ୍ରଙ୍କୁ ଗତ ୧୫ ତାରିଖରେ ବିଜେଡି ସଭାପତି ପଟ୍ଟନାୟକ ଦଳରୁ ନିଲମ୍ବନ କରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ଆରୋପ ଲଗାଯାଇଛି। ଏହି ଅଭିଯୋଗକୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ୧୮ ମାସ ମଧ୍ୟରେ ବିଧାୟକ ମହାପାତ୍ରଙ୍କ ଜନସମ୍ପର୍କ ପାଟକୁରା ନିର୍ବାଚନମଣ୍ଡଳୀ ମଧ୍ୟରେ ବହୁତ ବଢ଼ିଯାଇଛି। ବ୍ୟବହାରରେ ଶାଳୀନତା, ଦଳୀୟ କାର୍ଯ୍ୟକ୍ରମରେ ଆନ୍ତରିକତା ଓ ବିଧାନସଭା ବିତର୍କରେ ଆଶାତୀତ ସଫଳତା ତାଙ୍କୁ ନିର୍ବାଚନମଣ୍ଡଳୀ, କେନ୍ଦ୍ରାପଡା ଜିଲା ସର୍ବୋପରି ରାଜ୍ୟସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନରେ ଛିଡା କରାଇଛି। ଏପରିସ୍ଥଳେ ଅରବିନ୍ଦ କିଭଳି ଦଳ ବିରୋଧୀ କାର୍ଯ୍ୟ କଲେ ସେକଥା କର୍ମୀମାନେ ଆଦୌ ଜାଣିପାରୁନାହାନ୍ତି। ତାଙ୍କ ଉପରେ ଲାଗିଥିବା ଆରୋପ ମଥ୍ୟ ଓ କପୋଳକଳ୍ପିତ। ଯଦି ଦଳ ବିରୋଧ କାର୍ଯ୍ୟ କରିଛନ୍ତି ତାହାର ପ୍ରମାଣ ଦିଅନ୍ତୁ ବୋଲି କର୍ମୀମାନେ କହିଛନ୍ତି।

ଗରଦପୁର ବ୍ଲକ ଅଧ୍ୟକ୍ଷ ମହାରାଜ କହିଥିଲେ, ବିଧାୟକ ମହାପାତ୍ରଙ୍କ ଅଞ୍ଚଳର ବିକାଶ ଧାରା ଆଗକୁ ନେବା ସ୍ୱପ୍ନ, ଦଳୀୟ କାର୍ଯ୍ୟକ୍ରମରେ ଅଧିକ ଆନ୍ତରିକତା ତାଙ୍କୁ ଭଲ ବିଧାୟକ ଭାବେ ଠିଆ କରାଇଛି। ଏପରିସ୍ଥଳେ ଦଳୀୟ ନେତୃତ୍ୱ କାହା ଚକ୍ରାନ୍ତରେ ପ୍ରଭାବିତ ହୋଇ ଏକ ଭୁଲ୍ ନିଷ୍ପତ୍ତି ନେଲେ। ଏଣୁ ସେମାନେ ବିଧାୟକଙ୍କ ସହିତ ଥିଲେ, ଆଜି ଅଛନ୍ତି ଓ ଆଗାମୀଦିନରେ ରହିବେ ବୋଲି କହିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲୀପ ସାହୁ ବିଧାୟକଙ୍କ ଆଚାର ବ୍ୟବହାର, ଦଳୀୟ କାର୍ଯ୍ୟକ୍ରମରେ ଆନ୍ତରିକତାକୁ ପ୍ରଶଂସା କରିଥିଲେ। ତାଙ୍କ ବିରୋଧରେ ଲଗାଯାଇଥିବା ଆରୋପ ଭିତ୍ତିହୀନ ବୋଲି କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା ବିଧାୟକଙ୍କ କାର୍ଯ୍ୟ ଶୈଳୀଙ୍କୁ ପ୍ରଶଂସା କରିଥିଲେ। ଚକ୍ରାନ୍ତକାରୀଙ୍କ ପ୍ରରୋଚନାରେ ଦଳ ସଭାପତି ଭୁଲ୍ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ଏଥିରେ ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ସରପଞ୍ଚ ସଂଯୁକ୍ତା ମହାପାତ୍ର, ସରପଞ୍ଚ ବନୀତା ସ୍ୱାଇଁ, ସରପଞ୍ଚ ଶ୍ରୀରାଧା ବନଜା ବାସିନୀ ଜେନା, ସରପଞ୍ଚ ସନ୍ତୋଷ ମହାଳି, ସରପଞ୍ଚ ଅନସୂୟା ବେହେରା, ସରପଞ୍ଚ ପ୍ରଭାତ ନଳିନୀ ଜେନା, ସରପଞ୍ଚ ରଞ୍ଜନ ନାୟକ, ସରପଞ୍ଚ ଅମୀୟ ନାୟକ, ସରପଞ୍ଚ ଅନୀତା ମହାଳି, ସରପଞ୍ଚ କୁଞ୍ଜଲତା ମିଶ୍ର, ସରପଞ୍ଚ ରାଜେନ୍ଦ୍ର ମଲିକ, ବ୍ଲକ ଉପାଧ୍ୟକ୍ଷ ସୈଦାମିନ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲୀପ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ଯମପଡ଼ା ସରପଞ୍ଚ ମନୋଜ ପରିଡା, କରିଲୋପାଟଣା ସରପଞ୍ଚ ନମିତାବାଳା ରଥ, ଆଇଡିପୁର ସରପଞ୍ଚ ସୁପ୍ରିୟା ସାମନ୍ତରାୟ, ଜଳପୋକ ପୂର୍ବତନ ସରପଞ୍ଚ ବିଜନ ପଟ୍ଟନାୟକ, ବିଜେଡି ନେତା ସୁଧାଂଶୁ ଶେଖର ରାୟ, ବିଜେଡି ଯୁବନେତା କ୍ଷୀତିଶ ଦାସ, ପୂର୍ବତନ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସୁଜାତା ମିଶ୍ର, କଲ୍ୟାଣୀ ପଟ୍ଟନାୟକ, ପୀତାମ୍ବର ସାହୁ, ପୂର୍ବତନ ସରପଞ୍ଚ ଗୌରାଙ୍ଗ ପରିଡାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ମଣ୍ଡିରେ ଧାନ ଜଗି ବସିଲେ ଚାଷୀ

■୮କେଜି କାଟିବାକୁ ଅରାଜି ହେବାରୁ ହେଲା ପରୀକ୍ଷଣ

■ଏଫ୍ଏକ୍ୟୁ ମାନର ଧାନ ନୁହେଁ କହି କରାଗଲା ହଇରାଣ

ନୟାଗଡ଼,୨୦।୧(ଲୋକନାଥ ମିଶ୍ର)


ଶୀତ କାକରରେ ଧାନ ମଣ୍ଡିରେ ଚାଷୀ ବସିଛନ୍ତି।

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଘୋଳାହାଣ୍ଡି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଖୋଲିଥିବା ଧାନମଣ୍ଡିରେ କଟ୍‌ନୀଛଟ୍‌ନୀରେ ୮କେଜି ଧାନ କାଟିବାକୁ ଅରାଜି ପରେ ଚାଷୀଙ୍କୁ ହଇରାଣ କରାଯାଉଥିବାର ଅଭିଯୋଗ ଉଠିଛି। ଚାଷୀ କଟ୍‌ନୀଛଟ୍‌ନୀକୁ ବିରୋଧ କରିବାରୁ ଧାନର ମାନ ପରୀକ୍ଷା କରାଯାଇ ଏଫଏକ୍ୟୁ ମାନର ନୁହେଁ କୁହାଯାଇଥିଲା। ତେବେ ଚାଷୀଙ୍କ ପ୍ରତିବାଦ ବଢ଼ିବା ଓ ଉତ୍ତେଜନା ଦେଖା ଦେବାପରେ ଧାନର ଏଫଏକ୍ୟୁ ମାନକୁ ଆସିଯାଇଥିବା ଜଣାପଡିଥିଲା। ଧାନମଣ୍ଡିରେ ଚାଷୀଙ୍କୁ ହଇରାଣ ଓ ଅପଦସ୍ତ ବିରୋଧରେ ଚାଷୀ ମେଳ ହୋଇ ମଣ୍ଡିରେ ଧାନ ରଖି ବିକ୍ଷୋଭ କରିଛନ୍ତି। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଚାଷୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ୮ କେଜି ଲେଖାଏ ଧାନ କାଟିବାକୁ ଚାଷୀଙ୍କୁ ବାଧ କରାଯାଇଥିଲା। ଚଳିତ ବର୍ଷ ଭଲ ଧାନ ହୋଇଥିବାରୁ କଟ୍‌ନୀଛଟ୍‌ନୀକୁ ବିରୋଧ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଚାଷୀ ୫ କେଜି କାଟିବାକୁ ରାଜି ହୋଇଥିଲେ। ତେବେ ୮ କେଜି ଲେଖାଏ ଧାନ କାଟିବାକୁ ମଣ୍ଡି କର୍ତ୍ତୃପକ୍ଷ ଅଡି ବସିବା ପରେ ବିବାଦ ମୁଣ୍ଡ ଟେକିଥିଲା। ଅନ୍ୟପକ୍ଷେ ଚାଷୀଙ୍କ ଧାନ ପରୀକ୍ଷଣ କରୁଥିବା କର୍ମଚାରୀ ମଧ୍ୟ ଠିକ୍‌ରେ ପରୀକ୍ଷା କରିନଥିବାରୁ ଉତ୍ତେଜନା ବଢ଼ିଥିଲା। ଶେଷରେ ଚାଷୀ ଶୀତ କାକରରେ ଧାନ ଜଗି ମଣ୍ଡିରେ ବସି ରହିଛି। ଧାନ କିଣା ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ କହିଛନ୍ତି।

ଜିଲା ଯୋଗାଣ ଅଧିକାରୀ ମୁରଲି କ୍ରିଷ୍ଣା କୁହନ୍ତି, ଘେଳାହାଣ୍ଡି ମଣ୍ଡିର ଅଭିଯୋଗ କିଛି ମିଳିନି। ତେବେ କଣ ହୋଇଛି ବୁଝିକି ଏହାର ସମାଧାନ ପାଇଁ ପଦକ୍ଷେପ ନେଉଛି ବୋଲି କହିଛନ୍ତି। ନୟାଗଡ଼ ଡିଆରସିଏସ୍ ଅନନ୍ତ ନାୟକ କୁହନ୍ତି, ଘୋଳାହାଣ୍ଡି ପାକ୍ସରେ ଚାଷୀଙ୍କ ସମସ୍ୟାକୁ ଅନୁଧ୍ୟାନ କରି ପଦକ୍ଷେପ ନେଉଛୁ ବୋଲି କହିଛନ୍ତି।

## ୧୭୪ରୁ ୫୨ମଣ୍ଡି ଖୋଲିଲା

ଖରିଫ ଋତୁରେ ଧାନକିଣା ୯୦ ଦିନ ହେବାକୁ ଥିବାବେଳେ ବର୍ତ୍ତମାନ ଶୁଭାରମ୍ଭର ୨୩ ଦିନ ବିତିଛି। ଇତି ମଧ୍ୟରେ ମାତ୍ର ୫୨ ଧାନମଣ୍ଡି ଖୋଲିଛି। ଜିଲାରେ ୧୫୩ ପାକ୍ସ ଦ୍ୱାରା ୧୭୪ ସ୍ଥାନରେ ଧାନମଣ୍ଡି ଖୋଲିବାର ରହିଛି। ଜିଲାରେ ଡିସେମ୍ବର ୨୯ଠାରୁ ଧାନ କିଣା ଶୁଭାରମ୍ଭ ହୋଇଛି। ଧାନ କିଣା ଶୁଭାରମ୍ଭର ୧୦ ଦିନ ଭିତରେ ସବୁ ମଣ୍ଡି ଖୋଲିଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ୨୩ ଦିନ ପରେ ବି ଖୋଲି ପାରୁନି। ଏଭଳିସ୍ଥଳେ ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀଙ୍କ ଉଦ୍‌ବେଗ, ଅସନ୍ତୋଷ ଓ କ୍ଷୋଭ ବଢ଼ିଛି। ସେପଟେ ଖୋଲିଥିବା ମଣ୍ଡି ଗୁଡିକରେ କଟ୍‌ନୀଛଟ୍‌ନୀକୁ ନେଇ ଚାଷୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୈଳାସ


@ ମିଟୁ


@ ଶିବା


@ ସୌମ୍ୟ


@ ସୁରଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନୀଳମାଧବ ମହାବିଦ୍ୟାଳୟ

## ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ୪ ଦିନ ବ୍ୟାପୀ ଅନୁଷ୍ଠିତ ସାଂସ୍କୃତିକ ପ୍ରତିଯୋଗିତା- ୨୦୨୬ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ ଅବସରରେ ଅନୁଷ୍ଠାନର ଅଧକ୍ଷା ଡ. ନନ୍ଦିତା ବାରିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଓ ପ୍ରାଣକୃଷ୍ଣ ମହାରଣା, ସମ୍ମାନୀତ ଅତିଥି ଅଧ୍ୟାପକ ସୁଜଳ କୁମାର ମହାରଣା, ଓମ୍ ପ୍ରକାଶ ସାହୁ, ପ୍ରଭାତ କୁମାର ବେହେରା, ସାଂସ୍କୃତିକ ସଂଘ ମୁଖ୍ୟ ଅଧ୍ୟାପକ ସୁମନ୍ତ କୁମାର ଜେନା ଓ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ନୀଳମାଧବଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ ଓଡ଼ିଆ ଓ ଇଂଲିଶ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ, ମେହେନ୍ଦି, ପେଣ୍ଟିଂ(ଚିତ୍ରାଙ୍କନ), ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ ଓ ୩ ବିଭାଗର ଛାତ୍ରୀଛାତ୍ରଙ୍କ ପକ୍ଷରୁ ହୋଇଥିବା ସଙ୍ଗୀତ ଓ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଉଚ୍ଚକୋଟୀର ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଡ. ନୀରୋଦ କୁମାର ମନ୍ତ୍ରୀ ମଞ୍ଚ ସଂଯୋଜନା କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସୁଶ୍ରୀ ସୀମା ସାହୁ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସୁଶ୍ରୀ ଶୁଭ୍ରଜ୍ୟୋତି ମହାରଣା ଯୁକ୍ତ ୩ ବିଭାଗର ଲିଟେରାରୀ ଚାମ୍ପିଅନ ହୋଇଥିବା ଜଣାଯାଇଛି।

## ଖଣ୍ଡପଡ଼ାରେ ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍ ଗାନ

ଖଣ୍ଡପଡ଼ା ୨୦।୧ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ଓ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ମଙ୍ଗଳବାର ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବନ୍ଦେ ମାତରଂ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଙ୍କୁର ଅଭିଲାଷଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ଲକ ପ୍ରଶାସନ ପକ୍ଷରୁ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଛାତ୍ରୀମାନେ ବନ୍ଦେ ମାତରଂ ବନ୍ଦନା ଗାନ କରିଥିବା ବେଳେ ସେମାନଙ୍କ ସହ ମିଳିତ ହୋଇ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀ, ଛାତ୍ର ଅଧ୍ୟାପିକା ଅଧ୍ୟାପକ ବନ୍ଦେ ମାତରଂ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଖବରଦାତା ଜନ୍ମେଜୟ ଦଳେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡ଼ସେଟ୍, ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ କିରାଣି ସୁନୀଲ କୁମାର ନିଶଙ୍କ ଓ ମିତାଲି ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦଶପଲ୍ଲା,୨୦।୧(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବୁଗିଡା କଲୋନୀଠାରେ ଥିବା ମଣିନାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ପରିସରରେ ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରାଧାମୋହନ କର୍ମୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ନୀହାର ରଞ୍ଜନ ଆଚାର୍ଯ୍ୟ ଅତଥ ପରିଚୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ନୀଳମଣି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବୀବରଣୀରେ ପଠନରେ ୧୯୯୪ ମାର୍ଚ୍ଚ ୧୭ରେ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ହରିହର ମହାପାତ୍ର ଓ ସଭାପତି ଜଗଦୀଶ କହଁର ଏବଂ ଅଞ୍ଚଳବାସୀଙ୍କ ସହାୟତାରେ ପ୍ରତିଷ୍ଠିତ ଏହି ଯୁକ୍ତ ୨ କଲେଜ ବହୁ ବାଧାବିଘ୍ନ ସହି ୨୭ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠାନ ତାର ଗୌରବ ବଜାୟ ରଖିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ମଞ୍ଚାସୀନ ଅତିଥି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ସମସ୍ୟା ମଧ୍ୟରେ କଲେଜରେ ପାଠାଗାର ନିର୍ମାଣ, ପାନୀୟଜଳ ପାଇଁ ଏକ ନଳକୂପ ଏବଂ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଶେଷରେ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବନ୍ଦେ ମାତରମ୍ ସଙ୍ଗୀତ ଗାନ ପ୍ରତିଯୋଗିତା

ଉପ କନିଷ୍ଠ ବିଭାଗରେ ସନ୍ଦୀପ ପ୍ରଥମ

ରଣପୁର, ୨୦।୧ (ସୁକାନ୍ତ କିଶୋର ଡାକୁଆ)


ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆୟୋଜିତ ବନ୍ଦେ ମାତରମ୍ ସଙ୍ଗୀତ ଗାନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାପିତ ପରିଷଦ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଅନୁଯାୟୀ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଏମିତି ତିନୋଟି ବିଭାଗରେ ବିଭକ୍ତ କରାଯାଇଥିଲା। ଉପକନିଷ୍ଠ ବିଭାଗରେ ପାମ୍ପଡା ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ସନ୍ଦୀପ ପ୍ରଧାନ ନିଜର ସୁମଧୁର କଣ୍ଠ ଓ ଆତ୍ମବିଶ୍ୱାସପୂର୍ଣ୍ଣ ପ୍ରଦର୍ଶନ ମାଧ୍ୟମରେ ପ୍ରଥମ ସ୍ଥାନ ହାସଲକରି ବିଜୟୀ ହୋଇଥିଲେ। ସନ୍ଦୀପଙ୍କ ଏହି ସଫଳତା ପାମ୍ପଡା ପ୍ରାଥମିକ ବିଦ୍ୟାଳୟ ସହିତ ନରସିଂହପୁର କ୍ଲଷ୍ଟର ପାଇଁ ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣାଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେହିପରି କନିଷ୍ଠ ବିଭାଗରେ ଶୁଶ୍ରୀ ଶୁଭସ୍ମିତା ପ୍ରଥମ ସ୍ଥାନ ଓ ବରିଷ୍ଠ ବିଭାଗରେ ସାଇ ସରନ୍ୟା ପଣ୍ଡା ପ୍ରଥମ ସ୍ଥାନ ହାସଲକରି ନିଜ ନିଜ ବିଦ୍ୟାଳୟର ସମ୍ମାନ ବଢ଼ାଇଛନ୍ତି। ମଙ୍ଗଳବାର ମଣିନାଗ ସ୍ଥିତ କଲ୍ୟାଣ ମଣ୍ଡପରେ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଏମ୍‌ପି ପ୍ରତିନିଧି ଭାବେ ଆଇନଜୀବୀ ପ୍ରିୟବ୍ରତ ପ୍ରହରାଜ, ବାଚସ୍ପତି ପ୍ରତିନିଧି ଭାବେ ସାମାଜିକକର୍ମୀ ପରେଶ ମିଶ୍ର, ରଣପୁର ବିଜ୍ଞାପିତ ପରିଷଦ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି, ଶିକ୍ଷାବିତ ଲକ୍ଷ୍ମୀପ୍ରତିମା ଶତପଥୀ, ବିଦେଶିନୀ ପତି ଓ ଭାରତୀ ସିଂ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସଭା ଶେଷରେ ସାଧନ କେନ୍ଦ୍ର ସଂଯୋଜକ ଅଜୟ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପରିବା ମାର୍କେଟ ନିକଟ ନାଳରେ ପଡ଼ି ଜଣେ ମୃତ

ଓଡ଼ଗାଁ,୨୦।୧(ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ପରିବା ମାର୍କେଟକୁ ଲାଗି ରହିଥିବା ନାଳରେ ପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଓଡ଼ଗାଁ ପାଟଣା ସାହିର ପ୍ରମୋଦ ଜେନା (୬୩)। ମଙ୍ଗଳବାର ସନ୍ଧ୍ୟାରେ ପ୍ରମୋଦ ସାଇକେଲ ଯୋଗେ ପରିବା ମାର୍କେଟକୁ ଯାଉଥିବା ବେଳେ ମଝିରେ ନାଳ ଉପରେ ଥିବା ବ୍ରିଜ ଗାଡ ୱାଲରେ ଗୋଡଦେଇ ଅଟକିବାକୁ ଚେଷ୍ଟା କରୁଥିବା ବେଳେ ଭାରସାମ୍ୟ ହରାଇ ନାଳ ମଧ୍ୟକୁ ଖସିପଡିଲେ। ଲୋକେ ସଂଗେସଂଗେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଦେଖିବା ପରେ ମୃତ ଘୋଷଣା କରିଥିଲେ।

## ଗାଡ଼ି ଦୁର୍ଘଟଣାକରି ଗଞ୍ଜେଇ ମାଫିଆ ଫେରାର

ଗଣିଆ, ୨୦।୧(ସନ୍ତୋଷ କୁମାର ପ୍ରଧାନ)

ଗାଡ଼ି ଜବତକଲା ପୋଲିସ

ଗଞ୍ଜେଇ ଚୋରା ଚାଲାଣ ବେଳେ ଦୁର୍ଘଟଣା ଘଟାଇଥିବା ଏକ ଗାଡ଼ି ଓ ଗଞ୍ଜେଇକୁ ମଙ୍ଗଳବାର ଗଣିଆ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଓଡି ୦୨ଏ ୮୫୨୦ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ଇଣ୍ଡିଗୋ କାର୍‌ରେ ମାଫିଆମାନେ ଗଞ୍ଜେଇ ନେଇ ଦଶପଲ୍ଲାରୁ ଗଣିଆ ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ ଗାଡ଼ି ତାଙ୍କୁ ପିଛା କରିଥିଲା। ଗିରଫ ଭୟରେ ମାଫିଆମାନେ ଗାଡ଼ିଟିକୁ ଦ୍ରୁତଗତିରେ ନେଇ ଗଣିଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମ ଭିତରକୁ ପଶି ଯାଇଥିଲେ। ଫଳରେ ଗାଡ଼ିଟି ଗାଁ ନିକଟରେ ଥିବା ଏକ ଶାଗୁଆନ ଗଛରେ ପିଟି ହୋଇଯାଇଥିଲା। ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗାଡ଼ିରେ ଥିବା ୨ ଜଣ ଗଞ୍ଜେଇ ମାଫିଆ ସେଠାରୁ ଫେରାର ହୋଇଯାଇଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇ ଗଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଓ ଗଞ୍ଜେଇ ଜବତ କରିଥିଲା। ଜବତ ହୋଇଥିବା ୪୧କିଲୋ ୨୦୦ଗ୍ରାମ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୧୦ହଜାର ହେବ ବୋଲି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ କହିଛନ୍ତି।

# ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ

ନୟାଗଡ଼,୨୦।୧(ଲୋକନାଥ ମିଶ୍ର)

■ସମୟାନୁବର୍ତ୍ତିତାକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ

■ମୁଖ୍ୟାଳୟ ଛାଡିବାକୁ ହେଲେ ଅନୁମତି ନେବାକୁ ପଡିବ

■ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ହେଲା ବିଜ୍ଞପ୍ତି

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର କେତେକ ଅଧିକାରୀ ଓ କର୍ମଚାରୀ ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟକୁ ଆସୁନଥିବା ଜଣାପଡିବା ପରେ ଜିଲାପାଳ ମଧୁମିତା ରଥ ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ୧୯୭୩୨/୧୨।୬।୨୦୨୫କୁ କଡାକଡି ପାଳନ କରିବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ ୨୪୬/୧୯।୧।୨୬ ରେ ବିଜ୍ଞପ୍ତି ଜାରି ହୋଇଛି। ସମ୍ପୃକ୍ତ ଚିଠି ଅନୁସାରେ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ଆଗମନ ଓ ପ୍ରସ୍ଥାନ ସମୟରେ ବାୟୋମେଟ୍ରିକ ଉପସ୍ଥାନ ପ୍ରଣାଳୀରେ ଉପସ୍ଥାନ ରେକର୍ଡ କରାଯିବାକୁ ବାଧ୍ୟତାମୂଳକ ରହିଛି। ଜିଲାପାଳଙ୍କ ଡିଭାଇସରେ ଯେ କୌଣସି ବୈଷୟିକ ସମସ୍ୟା ଥିଲେ ତୁରନ୍ତ ଜିଲା ଇଗଭର୍ଣ୍ଣାନ୍ସ ମ୍ୟାନେଜରଙ୍କୁ ରିପୋର୍ଟ କରାଯିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି।

ଅନ୍ୟ କୌଣସି କାର୍ଯ୍ୟାଳୟ ଡିଭାଇସ୍‌ରେ ସମସ୍ୟା ଥିଲେ କାର୍ଯ୍ୟାଳୟର ମୁଖ୍ୟଙ୍କୁ ରିପୋର୍ଟ କରିବାକୁ ପଡିବ। ପୁଣି ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଅଧିକାରୀ ଓ କର୍ମଚାରୀ ପୂର୍ବାହ୍ନ ୧୦ ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଅଛି। ବିଳମ୍ବରେ କାର୍ଯ୍ୟାଳୟକୁ ଆସିଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। କୌଣସି କର୍ମଚାରୀ ଛୁଟି ପୂର୍ବ ମଞ୍ଜୁରୀ ବିନା କର୍ତ୍ତବ୍ୟରେ ଅନୁପସ୍ଥିତ ରହି ପାରିବେ ନାହିଁ। ଜରୁରୀ କାଳୀନ ପରିସ୍ଥିତିରେ ରିପୋର୍ଟିଂ କର୍ତ୍ତୃପକ୍ଷଙ୍କୁ ଫୋନ ମାଧ୍ୟମରେ ଜଣାଇବାକୁ ପଡିବ ଓ ପରେ ଆନୁଷ୍ଠାନିକ ଭାବରେ ଲିଖିତ ଆବେଦନ ପତ୍ର ଦେବାକୁ ପଡିବ ବୋଲି ବାଧ୍ୟତାମୂଳକ ରହିଛି। ମୁଖ୍ୟାଳୟ ଛାଡିବାକୁ ହେଲେ ଅନୁମତି ନେବାକୁ ପଡିବ। କୌଣସି ଅଧିକାରୀ ରବିବାର, ସରକାରୀ ଛୁଟିଦିନ କିମ୍ବା କାର୍ଯ୍ୟାଳୟ ସମୟ ପରେ ଜିଲାପାଳଙ୍କ ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟାଳୟ ଛୁଟି ଅନୁରୋଧ ପୂର୍ବରୁ ଦାଖଲ କରାଯିବା ଦରକାର। ଏଥିରେ ପରିଦର୍ଶନର ଉଦ୍ଦେଶ୍ୟ ଓ ଅବଧି ସଷ୍ଟ ଭାବେ ଉଲ୍ଲେଖ ରହିଥିବ। ଜିଲାପାଳଙ୍କ ଅଫିସ ପକ୍ଷରୁ ଏହାର ନକଲ ଜିଲା ପରିଷଦ, ଉପଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ତହସିଲଦାର, ବିଡିଓ, ଡେପୁଟି କଲେକ୍ଟର, ସହକାରୀ କଲେକ୍ଟର ଓ ସିଡିପିଓଙ୍କ କାର୍ଯ୍ୟାଳୟକୁ ପଠାଯାଇ କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି।

## ଏବିଭିପିର ଖଣ୍ଡପଡ଼ା ନଗର ସମ୍ମିଳନୀ, ନୂତନ କର୍ମକର୍ତ୍ତା ଚୟନ

ଖଣ୍ଡପଡ଼ା, ୨୦।୧ (ଅଜୟ କୁମାର ମହାରଣା)


ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖଣ୍ଡପଡ଼ା ନଗର ଶାଖା ପକ୍ଷରୁ ଏକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ପଠାଣୀ ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ୧୬୪ ତମ ଜୟନ୍ତୀ ଦିବସକୁ ରାଷ୍ଟ୍ରୀୟ ଯୁବ ଦିବସ ଭାବେ ସର୍ବତ୍ର ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏବିଭିପି ପକ୍ଷରୁ ଖଣ୍ଡପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶା ପୂର୍ବପ୍ରାନ୍ତ ସଂଗଠନ ମନ୍ତ୍ରୀ ବୁଦ୍ଧଦେବ ବାଘ ଯୋଗଦେଇ ଏବିଭିପି ଗଠନର ମୁଖ୍ୟ ଲକ୍ଷ୍ୟ,ଆଦର୍ଶ ଓ ସାମୀଜୀଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ନୟାଗଡ଼ ଜିଲା ସହ ସଂଯୋଜକ ମଙ୍ଗୁଲିଆ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏବିଭିପି ଖଣ୍ଡପଡ଼ା ନଗର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଖଣ୍ଡପଡ଼ା ନଗରର ନୂତନ ସଭାପତି ଭାବେ ବିନାୟକ ସାହୁ,ସମ୍ପାଦକ ଭାଗବତ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଂଗଠନ ମନ୍ତ୍ରୀ ଅଭିଜିତ ପଟ୍ଟନାୟକ ସମ୍ୟକ ସୂଚନା ଦେଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷିନୀ ମନ୍ତ୍ରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀ ଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

